
ମାତୃରୂପେଣ ସଂସ୍ଥିତା ......

Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



ଶାରଦୀୟ ଅଭିନନ୍ଦନ



ଶାରଦୀୟ ଦଶହରା ଉପଲକ୍ଷେ ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ସାରଦା ପ୍ରସାଦ ନାୟକ
ବିଧାୟକ, ରାଉରକେଲା



✦Vol - 22✦ Issue No:173✦18 October 2026 (Sunday)✦Rourkela ✦Rs.2.00 ✦Page -1 ✦୨୨ ବର୍ଷ ✦ସଂଖ୍ୟା:୧୭୩✦୧୮ ଅକ୍ଟୋବର ୨୦୨୬ (ରବିବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬


# ବାଂଲାଦେଶରେ ଭୟଙ୍କର ଅଗ୍ନିକାଣ୍ଡ, ୧୦ ମୃତ; ୯ ଗୁରୁତର



ବାଂଲାଦେଶ,୧୭/୧୦: ବାଂଲାଦେଶର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କକ୍ସ ବଜାରରେ ଘଟିଛି ଭୟଙ୍କର ଅଗ୍ନିକାଣ୍ଡ । ଏକ ସମୁଦ୍ରକୂଳ ରିସୋର୍ଟରେ ନିଆଁ ଲାଗି ୧୦ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୯ ଜଣ ଗୁରୁତର ଆହତ ହୋଇଛନ୍ତି । ଶନିବାର ଭୋର ସମୟରେ ଘଟିଥିବା ଏହି ଦୁର୍ଘଟଣାରେ ତିନିମହଲା ବିଶିଷ୍ଟ ରିସୋର୍ଟଟି ସମ୍ପୂର୍ଣ୍ଣ ଜଳି ପାଉଁଶ ହୋଇଯାଇଛି । ସୂଚନା ଅନୁଯାୟୀ, ମେରାଇନ୍ ଡ୍ରାଇଭ୍ ନିକଟସ୍ଥ ପାଟୁଆରଟେକ୍ ବେଳାଭୂମି ପାଖରେ ଥିବା 'ଟୁପ୍ଟପ୍ ରେଷ୍ଟୋ ଆଣ୍ଡ ରିସୋର୍ଟ'ରେ ସକାଳ ପ୍ରାୟ ୬ଟା ୩୦ ମିନିଟ୍‌ରେ ନିଆଁ ଲାଗିଥିଲା । ବାଉଁଶ ଓ କାଠରେ ନିର୍ମିତ ଏହି ରିସୋର୍ଟରେ ନିଆଁ ଦ୍ରୁତଗତିରେ ବ୍ୟାପିଯିବାରୁ ଭିତରେ ଥିବା ଲୋକଙ୍କୁ ବାହାର କରିବା କଷ୍ଟକର ହୋଇପଡ଼ିଥିଲା । ଘଟଣା ସମୟରେ ରିସୋର୍ଟରେ ପ୍ରାୟ ୩୦ ଜଣ ପର୍ଯ୍ୟଟକ ଓ କର୍ମଚାରୀ ରହିଥିଲେ । ସେମାନଙ୍କ ମଧ୍ୟରୁ ମାତ୍ର ୪ରୁ ୫ ଜଣ ସୁରକ୍ଷିତ ଭାବେ ବାହାରି ପାରିଥିବା ସୂଚନା ମିଳିଛି । ଅଗ୍ନିକାଣ୍ଡର ପ୍ରକୃତ କାରଣ ଏଯାଏଁ ଜଣାପଡ଼ିନାହିଁ । କକ୍ସ ବଜାରର ଡେପୁଟି କମିଶନର ଏ. ମନ୍ନାନଙ୍କ ସୂଚନା ଅନୁସାରେ, ଉଦ୍ଧାରକାର୍ଯ୍ୟ ଜାରି ରହିଛି । ମୃତଦେହଗୁଡ଼ିକୁ ଚିହ୍ନଟ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ପୂର୍ବରୁ ଡିଏନଏ ନମୁନା ସଂଗ୍ରହ କରାଯାଉଛି । ଅନ୍ୟପଟେ, ଗୁରୁତର ଆହତମାନଙ୍କୁ କକ୍ସ ବଜାର ସଦର ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଆହତଙ୍କ ମଧ୍ୟରୁ ଅନେକଙ୍କ ଶରୀର ଗୁରୁତର ଭାବେ ପୋଡ଼ିଯାଇଥିବା ଡାକ୍ତର ସୂଚନା ଦେଇଛନ୍ତି । ଏହି ଭୟାବହ ଅଗ୍ନିକାଣ୍ଡ ପରେ ଅଂଚଳରେ ଶୋକର ଛାୟା ଖେଳିଯାଇଛି ।

# ନୂଆ ରାଜ୍ୟପାଳଙ୍କୁ ବିମାନବନ୍ଦରରେ ସ୍ୱାଗତ



ଭୁବନେଶ୍ୱର,୧୭/୧୦(ନି/ପ୍ର): ଓଡ଼ିଶାର ନୂତନ ରାଜ୍ୟପାଳ ବ୍ରଜମୋହନ ରାମଙ୍କୁ ଭୁବନେଶ୍ୱର ବିମାନବନ୍ଦରରେ ସ୍ୱାଗତ କରାଯାଇଛି । ରାଜ୍ୟପାଳ ବିମାନବନ୍ଦରରେ ପହଚିଂବା ପରେ ମୁଖ୍ୟମନ୍ତ୍ରୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ ।ଏହି ଅବସରରେ ରାଜ୍ୟପାଳଙ୍କୁ ଆନୁଷ୍ଠାନିକ ଭାବେ ଗାର୍ଡ ଅଫ୍ ଅନର୍ ପ୍ରଦାନ କରାଯାଇଥିଲା ।ଶ୍ରୀ ରାମ ବର୍ତ୍ତମାନର ରାଜ୍ୟପାଳ ହରିବାବୁ କମ୍ଭପତିଙ୍କ ସ୍ଥାନ ନେବେ ।ଗତ ସୋମବାର ରାଷ୍ଟ୍ରପତି ଭବନରୁ ବାହାରିଥିବା ବିଜ୍ଞପ୍ତି ଅନୁଯାୟୀ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୬ଟି ରାଜ୍ୟର ରାଜ୍ୟପାଳଙ୍କ ନିଯୁକ୍ତିକୁ ଅନୁମୋଦନ କରିଛନ୍ତି । କେରଳମ୍‌ର ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକରଙ୍କୁ ତାମିଲନାଡୁର ନୂଆ ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ସିକିମ ରାଜ୍ୟପାଳ ଓମ୍ ପ୍ରକାଶ ମାଥୁରଙ୍କୁ କେରଳମ୍‌ର ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଛି ସେହିପରି ସୁଧା ଯାଦବଙ୍କୁ କର୍ଣ୍ଣାଟକ, ଧଲ ସିଂହ ବିଶେନଙ୍କୁ ଉତରାଖଣ୍ଡ ଏବଂ ଦୁଶ୍ୟନ ଗୌତମଙ୍କୁ ସିକିମ୍‌ର ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଥିବା ରାଷ୍ଟ୍ରପତି ଭବନ ପକ୍ଷରୁ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି ।

## ନଦୀକୁ ଡେଇଁଥିବା ଯୁବକଙ୍କୁ ଉଦ୍ଧାର କଲା ଅଗ୍ନିଶମ ବିଭାଗ

ବୌଦ୍ଧ,୧୭/୧୦(ନି/ପ୍ର): ଶୁକ୍ରବାର ବୌଦ୍ଧ ଜିଲା କିଆକଟା ପୋଲ ଉପରୁ ମହାନଦୀକୁ ଡେଇଁ ପଡିଥିବା ଯୁବକଙ୍କୁ ସ୍ଥାନୀୟ ଅଗ୍ନିଶମ ବିଭାଗ ଉଦ୍ଧାର କରିଛି । ଯୁବକ ଜଣକ ହେଲେ ପୁରୁଣା କଟକ ଖଣ୍ଡବନ୍ଧ ଗ୍ରାମର ଜଗତ ବେହେରାଙ୍କ ପୁଅ ଲିପୁନା ବେହେରା(୨୨) । ଯୁବକ ଜଣକ ପୋଲ ଉପରୁ ନଦୀ ଭିତରକୁ ଡେଇଁ ପଡିଥିବା ଖବର ପାଇ ଅଗ୍ନିଶମ ବିଭାଗ କର୍ମୀମାନେ ତୁରନ୍ତ ଘଟଣାସ୍ଥଳରେ ପହଚିଂଥିଲେ । ନଈରେ ଥିବା ଦେଶୀ ଡଙ୍ଗା ସାହାଯ୍ୟରେ ସେମାନେ ପାଣି ଭିତରକୁ ଯାଇ ଯୁବକଙ୍କୁ ଉଦ୍ଧାର କରିଥିଲେ । ପରେ ଚିକିତ୍ସା ପାଇଁ ତାଙ୍କୁ ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଛି ।

# ଅକ୍ଟୋବର ୨୫ରେ ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ



## ଆରବିଆଇର ଡାଟା ସେଂଟର ଉଦ୍‌ଘାଟନ କରିବେ

ଭୁବନେଶ୍ୱର,୧୭/୧୦(ନି/ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୫ ତାରିଖରେ ଓଡ଼ିଶା ଆସିବେ । ଏନେଇ ସୂଚନା ମିଳିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗସ୍ତକୁ ନେଇ ଆଜି ଏକ ବଡ଼ ବୈଠକ ବସିଥିଲା । ଏହି ବୈଠକରେ ଏନେଇ ଅଧିକ ତଥ୍ୟ ମିଳିଛି । ତାହା ଅନୁଯାୟୀ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜଟଣୀ ଇନ୍‌ଫୋଭ୍ୟାଲିରେ ଆରବିଆଇର ଡାଟା ସେଂଟର ଉଦ୍‌ଘାଟନ କରିବେ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସନ୍ଧ୍ୟା ୫ଟାରେ ଭୁବନେଶ୍ୱର ବିମାନବନ୍ଦରରେ ପହଚିଂବେ । ସେଠାରୁ ହେଲିକେପ୍ଟର ଯୋଗେ ଇନ୍‌ଫୋଭ୍ୟାଲି ଯିବେ । ସେଠାରେ ଉଦଘାଟନ କାର୍ଯ୍ୟ ସାରି ସଡ଼କ ପଥରେ ଭୁବନେଶ୍ୱର ଫେରିବେ ବୋଲି ଜଣାଯାଇଛି । ଏଣେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି । ସେ ଆସନ୍ତା ୨୮ ଓ ୨୯ରେ ରାଇରଙ୍ଗପୁର ଗସ୍ତ କରିବେ । ଏନେଇ ରାଷ୍ଟ୍ରପତି ଭବନ ପକ୍ଷରୁ ବଡ଼ ସୂଚନା ଦିଆଯାଇଛି । ରାଷ୍ଟ୍ରପତି ସଚିବାଳୟଙ୍କ ପକ୍ଷରୁ ଅକ୍ଟୋବର ୧୩ରେ ଉପ ସାମରିକ ସଚିବଙ୍କ ଚିଠି ଜାରି ହୋଇଛି । ଓଡ଼ିଶା ଏବଂ ପଶ୍ଚିମବଙ୍ଗ ମୁଖ୍ୟ ସଚିବ, ରାଜ୍ୟପାଳଙ୍କ ସଚିବ, ଡିଜିପି, ମୟୂରଭଞ୍ଜ ଜିଲ୍ଲାପାଳ,ଏସପି ଓ ପଶ୍ଚିମ ମେଦିନୀପୁର ଜିଲ୍ଲାପାଳ, ଏସପିଙ୍କୁ ଚିଠି ଯାଇଛି । ଚିଠିରେ ରାଷ୍ଟ୍ରପତିଙ୍କ କାରକେଡ୍ ଯିବା ରାସ୍ତାର ୧୨ଟି ରୁଟ୍‌ର ସ୍ଥଳ ଦୂରତା, ସମୟ ଓ ରାସ୍ତା ଅବସ୍ଥା ନିଶ୍ଚିତ କରି ରିପୋର୍ଟ ଦେବାକୁ କୁହାଯାଇଛି । ସେଗୁଡିକ ହେଲା- ଦାଣ୍ଡବୋଷ ବିମାନଘାଟିରୁ ବହଳଦା ମା' କିଚକେଶ୍ୱରୀ ମନ୍ଦିର, ସେଠାରୁ ମହୁଲଡିହା ଲକ୍ଷ୍ମୀ ମଣ୍ଡପ, ରାଇରଙ୍ଗପୁର ବାସଭବନ, ଉପଖଣ୍ଡ ଡାକ୍ତରଖାନା, କଚେରୀପଡ଼ିଆ, ହଲିଡେ ହୋମ୍, ସ୍ପୋର୍ଟସ କମ୍ପ୍ଲେକ୍ସ, ବିକାଶ ନଗର, ଗୋରୁମହିଷାଣୀ ଆଇରନ କଲେଜର ମଲ୍ଟି ସ୍କିଲ୍ ସେଂଟର, ଟାଉନ ହଲ୍ କାର୍ଯ୍ୟକ୍ରମ ପରେ ପୁଣି ଦାଣ୍ଡବୋଷ ଏୟାରଷ୍ଟ୍ରିପକୁ ଯାଇ ଫେରିଯିବେ । ସୂଚନା ଅନୁଯାୟୀ ଅକ୍ଟୋବର ୨୮ ସକାଳ ୮ଟାରେ ରାଷ୍ଟ୍ରପତି ଭବନରୁ ବାହାରି ୮.୧୫ରେ ପାଲମ୍ ବିମାନଘାଟି, ୮.୨୫ରେ ଓଇଉଇଏଓ ରେ କଲାଇକୁଣ୍ଡା ଅଭିମୁଖେ (୮୫୦ କିମି, ୧ ଘଣ୍ଟା ୪୦ ମିନିଟ୍) । ୧୦.୦୫ରେ କଲାଇକୁଣ୍ଡାରେ ପହଚିଂ ୧୦.୧୫ରେ ଗସ-୧୭ ହେଲିକପ୍ଟରରେ ଦାଣ୍ଡବୋଷ (୧୦୦କିମି, ୩୦ ମିନିଟ୍) । ୧୦.୪୫ରେ ଦାଣ୍ଡବୋଷ, ୧୦.୫୫ରେ ସଡ଼କ ପଥରେ ବହଳଦା (୧୫ କିମି) । ୧୧.୧୫ରେ ମା' କିଚକେଶ୍ୱରୀ ମନ୍ଦିରରେ ପୂଜା କରିବା ସହିତ କିଚକେଶ୍ୱରୀ ମନ୍ଦିର ପ୍ରସାଦ ଯୋଜନାରେ ସାମିଲ ହେବ ।

## ମହାନବମୀ ପାଇଁ ଅକ୍ଟୋବର ୧୯ରେ ଛୁଟି ଘୋଷଣା: ଉତର ପ୍ରଦେଶ ଓ କେରଳ ସରକାରଙ୍କ ନିଷ୍ପତି

ଲକ୍ଷ୍ନୌ/ତିରୁବନନ୍ତପୁରମ୍,୧୭/୧୦:ଦୁର୍ଗାପୂଜା ଓ ନବରାତ୍ରି ଉତ୍ସବକୁ ଦୃଷ୍ଟିରେ ରଖି ଅକ୍ଟୋବର ୧୯, ୨୦୨୬ ସୋମବାର ଦିନ ସାଧାରଣ ଛୁଟି ଘୋଷଣାକୁ ନେଇ ଚର୍ଚ୍ଚା ଜୋର ଧରିଛି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନେତୃତ୍ୱାଧୀନ ଉତ୍ତର ପ୍ରଦେଶ ସରକାର ମହାନବମୀ ଅବସରରେ ଛୁଟି ଘୋଷଣା କରିଥିବା ବେଳେ କେରଳ ସରକାର ମଧ୍ୟ ଦୁର୍ଗାଷ୍ଟମୀ ପାଳନ ପାଇଁ ଏହି ଦିନକୁ ଛୁଟି ଭାବେ ଘୋଷଣା କରିଥିବା ସୂଚନା ମିଳିଛି । ନବରାତ୍ରିର ନଅ ଦିନିଆ ପୂଜାରେ ମହାନବମୀର ବିଶେଷ ଧାର୍ମିକ ମହତ୍ତ୍ୱ ରହିଛି । ଏହି ଦିନ ମା' ଦୁର୍ଗାଙ୍କ ଆରାଧନା ସହ ବିଭିନ୍ନ ଧାର୍ମିକ ରୀତିନୀତି ପାଳନ କରାଯାଏ । ଏହାକୁ ଦୃଷ୍ଟିରେ ରଖି ଉତ୍ତର ପ୍ରଦେଶ ସରକାର ଅକ୍ଟୋବର ୧୯ରେ ରାଜ୍ୟବ୍ୟାପୀ ଛୁଟି ଘୋଷଣା କରିଥିବା ଖବରରେ ଉଲ୍ଲେଖ ରହିଛି ।ଅନ୍ୟପକ୍ଷରେ, କେରଳରେ ମଧ୍ୟ ଦୁର୍ଗାଷ୍ଟମୀ ଅବସରରେ ଅକ୍ଟୋବର ୧୯କୁ ଛୁଟି ଭାବେ ଘୋଷଣା କରାଯାଇଥିବା ସୂଚନା ରହିଛି ।






# ପୂଜା ସୁରକ୍ଷାରେ ୬୦ ପ୍ଲାଟୁନ୍ ଫୋର୍ସ ଓ ୫୦୦ ଅଫିସର



## ସୋସିଆଲ ମିଡ଼ିଆ ଉପରେ ନଜର ରଖିଛି 'ସାଇବର ସେଲ୍'

କଟକ,୧୭/୧୦(ନି/ପ୍ର): ମହାଷଷ୍ଠୀରୁ ସହରରେ ଶାରଦୀୟ ପୂଜା ଆରମ୍ଭ ହେଉଛି । ଅକ୍ଟୋବର ୨୨ରେ ପୂଜାର ଅନ୍ତିମ ପର୍ବ ଭସାଣି ଉତ୍ସବ ଅନୁଷ୍ଠିତ ହେବ । ଏହି ପୂଜା ଓ ଭସାଣିକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ କମିସନରେଟ ପୁଲିସ ପକ୍ଷରୁ ସହରରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ପୂଜା ସୁରକ୍ଷା ପାଇଁ ସହରରେ ୬୦ ପ୍ଲାଟୁନ ଫୋର୍ସ ମୁତୟନର ବ୍ୟବସ୍ଥା ହୋଇଛି । ଏଥିରେ ଓଏସଏପି, ଏସଓଜି, କୁଇକ ଆକ୍ସନ ଫୋର୍ସ ସାମିଲ ଅଛନ୍ତି । ସେହିପରି ୧ କମ୍ପାନୀ କେନ୍ଦ୍ରୀୟ ବଳ ବା ରାପିଡ୍ ଆକ୍ସନ୍ ଫୋର୍ସ ବି ସହର ଜଗିବେ । ୪୦ଜଣ ଡିଏସପି, ୫୫ ଇନ୍ସପେକ୍ଟର, ୪୦୦ ଏସଆଇ ଓ ଏଏସଆଇଙ୍କ ସହିତ ୮୪ ହାବିଲଦାର, ୬୦୦ କନଷ୍ଟେବଳ, ୭୦୦ ହୋମଗାର୍ଡଙ୍କ ହାତରେ ସୁରକ୍ଷା ଦାୟିତ ରହିବ । ଏହା ବାଦ୍ ପୂଜା ମଣ୍ଡପ ଓ ସହରର ମୁଖ୍ୟ ଛକରେ ଟ୍ରାଫିକ ପରିଚାଳନାରେ ସହଯୋଗ ପାଇଁ ପ୍ରାୟ ୭୦୦ ପୁଲିସ ଭଲ୍ୟୁଟିଅର ବା ସ୍ୱେଚ୍ଛାସେବୀ ରହିବେ । ଏହି ଭଲ୍ୟୁଟିଂଅରମାନଙ୍କୁ ପୂର୍ବରୁ ଆଇଡି କାର୍ଡ ପ୍ରଦାନ କରାଯାଇଛି । ସମ୍ପୂର୍ଣ୍ଣ ସୁରକ୍ଷା ବ୍ୟବସ୍ଥା ପରିଚାଳନା ପାଇଁ ବିଭିନ୍ନ ଥାନାକୁ ୬ଟି ଜୋନ୍ ଓ ଦୁଇଟି ସେକ୍ଟରରେ ଭାଗ କରାଯାଇ ୬ ଜଣ ଏଡିସିପି ବା ଏଏସ୍‌ପି ପାହ୍ୟାର ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି ।ଡିସିପି ଖିଲାରି ରିଷିକେଶ ଦ୍ୟାନ୍ଦେଓ ସମସ୍ତ ସୁରକ୍ଷା ବ୍ୟବସ୍ଥାର ତଦାରଖ କରିବେ । ସେହିପରି ୨୦ଟି ଅତିରିକ୍ତ ପିସିଆର, ୩ଟା ସ୍ନାଲ ମୋବାଇଲ ଭ୍ୟାନ, ୪୦ ବାଇକ ପିସିଆର ସହରରେ ପାଟ୍ରୋଲିଂ କରିବ । ଭିଡରେ ଅସଦାଚରଣ ଓ ଚୋରି ରୋକିବା ପାଇଁ ସାଦା ପୋଷାକରେ ପୁଲିସ ମୁତୟନ ହେବ । ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ୫୭ଟି ଅସ୍ଥାୟୀ ପୁଲିସ ଏଡପୋଷ୍ଟ ଖୋଲାଯାଇଛି । ଅତି ସମ୍ବେଦନଶୀଳ ସ୍ଥାନରେ ଘର ଛାତ ଉପରେ ଫୋର୍ସ ଓ ଚାନ୍ଦି ମେଢ଼ ପାଖରେ ବନ୍ଧୁକଧାରୀ ପୁଲିସ ମୁତୟନ ହେବେ । ଟ୍ରାଫିକ ପରିଚାଳନା ପାଇଁ ୨୦ ଜଣ ଅଧିକାରୀ ଓ ୨୦୦ କର୍ମଚାରୀ ରହିବେ । ଅନ୍ୟପଟେ ପୂଜା ଓ ଭସାଣି ସମୟରେ କୌଣସି ପ୍ରକାର ସମ୍ବେଦଶୀଳ ପ୍ରସଙ୍ଗ କିମ୍ବା ଗୁଜବକୁ ସୋସିଆଲ୍ ମିଡିଆରେ ପ୍ରଚାର କଲେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ । ପୂଜା ସମୟରେ ସୋସିଆଲ୍ ମିଡିଆ ଉପରେ ନଜର ରଖିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ସାଇବର ଥାନାରେ ୨୪ ଘଟାଂ ନଜର ରଖିବ । ଏହା ବାଦ୍ ଭସାଣି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି ଆଜି ଇଣ୍ଡୋର ଷ୍ଟାଡିୟମ୍‌ରେ ପୁଲିସ ବ୍ରିଫିଙ୍ଗ୍ କାର୍ଯ୍ୟକ୍ରମରେ ପୁଲିସ କମିସନର ଏସ୍ ଦେବଦତ୍ତ ସିଂହ, ଅତିରିକ୍ତ ପୁଲିସ କମିସନର ନରସିଂହ ଭୋଳ ଓ ଡିସିପି ଖିଲାରି ରିଷିକେଶ ଦ୍ୟାନ୍ଦେଓ ଏହି ସୂଚନା ଦେଇଛନ୍ତି ।ଗତବର୍ଷ ଦଶହରା ଭସାଣି ସମୟରେ ଦଙ୍ଗା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା । ବାରପଥର-କଦମରସୁଲ ଭଳି ଅଂଚଳରେ ଅତି ଉତେଜନାମୂଳକ ସ୍ଥିତି ସୃଷ୍ଟି ହୋଇଥିଲା । ତେଣୁ ଉକ୍ତ ରାସ୍ତାରେ ଚଳିତ ବର୍ଷ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ଅତିରିକ୍ତ ପୁଲିସ କମିସନର ନରସିଂହ ଭୋଳ ଏହି ରାସ୍ତା ଦାୟିତ୍ୱରେ ରହିବେ । ଆକାଶ ମାର୍ଗରୁ ଡ୍ରୋନ୍ ଜଗିବ । ରାପିଡ୍ ଆକ୍ସନ ଫୋର୍ସ, ବନ୍ଧୁକଧାରୀ ପୁଲିସ ଜଗିବେ । ରାସ୍ତାର ଦୁଇ ପାର୍ଶ୍ୱର୍ରେ ବ୍ୟାରିକେଡ୍ ବ୍ୟବସ୍ଥା କରାଯିବ । କୌଣସି ପ୍ରକାର ବିଶୃଙ୍ଖଳିତ ଆଚରଣକୁ ବରଦାସ୍ତ କରାଯିବ ନାହିଁ । ଏଥିପାଇଁ କମିସନରେଟ୍ ପୁଲିସ ପକ୍ଷରୁ ବଡ଼ଧରଣର ପ୍ରସ୍ତୁତି କରାଯାଇଛି । ଚଳିତ ବର୍ଷ କେବଳ ବାରପଥର କଦମରସୁଲ ରାସ୍ତାରେ ୧୮୫ ଜଣ ଅଫିସରଙ୍କୁ ନିୟୋଜିତ କରାଯିବ ।

# ରୁଷ ଉପରୁ ପ୍ରତିବନ୍ଧକ ଏବଂ ସୀମା ଶୁଳ୍କ ହଟାଇଲେ ଟ୍ରମ୍ପ:



## ଭାରତ ଏବଂ ଚୀନ୍ ପାଇଁ ସାମୟିକ ଆଶ୍ୱସ୍ତି

ୱାସିଂଟନ,୧୭/୧୦: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତକୁ ଶୁଳ୍କ ରିହାତି ପ୍ରଦାନ କରିବାକୁ କହିଛନ୍ତି । ରୁଷ ଉପରେ ଆର୍ଥିକ ଚାପ ବୃଦ୍ଧି କରିବା ପାଇଁ ଏକ ନୂତନ ଆଇନ ଅନ୍ତର୍ଗତ ଲାଗୁ ହୋଇଥିବା ପ୍ରତିବନ୍ଧକ, କଟକଣା ଏବଂ ଶୁଳ୍କକୁ ସେ ଛାଡ଼ କରିଛନ୍ତି । ଏହି ନିଷ୍ପତି ରୁଷରୁ ଅଶୋଧିତ ତୈଳ କିଣୁଥିବା ଭାରତ ଏବଂ ଚୀନ୍‌କୁ ସମ୍ଭାବ୍ୟ ଆମେରିକା ବାଣିଜ୍ୟ କାର୍ଯ୍ୟାନୁଷ୍ଠାନରୁ ମୁକ୍ତି ପ୍ରଦାନ କରିବ । ଜାରି ଏକ କାର୍ଯ୍ୟନିର୍ବାହୀ ଆଦେଶରେ ଟ୍ରମ୍ପ କହିଛନ୍ତି ଯେ, ଏହି ଛାଡ଼ ପ୍ରଦାନ କରିବା ଆମେରିକାର ଜାତୀୟ ସ୍ୱାର୍ଥ ପାଇଁ କରାଯାଇଛି । ହ୍ୱାଇଟ୍ ହାଉସ୍ ଦ୍ୱାରା ଜାରି ଏକ ଆଦେଶ ଅନୁଯାୟୀ ଟ୍ରମ୍ପ ସେପ୍ଟେମ୍ବରରେ ଗୃହୀତ ଲିଣ୍ଡସେ ଓ. ଗ୍ରାହାମ୍ ସନକ୍ସିଂ ରୁଷିଆ ଏବଂ ଇରାନ ଆଇନ ଅନ୍ତର୍ଗତ ଅନେକ କଟକଣା ଏବଂ ଶୁଳ୍କ ବ୍ୟବସ୍ଥାକୁ ଛାଡ଼ କରିଛନ୍ତି । ଏହି ଆଇନ ରୁଷିଆରୁ ଶକ୍ତି କ୍ରୟ ଜାରି ରଖୁଥିବା ଦେଶଗୁଡ଼ିକ ଉପରେ ଆର୍ଥିକ ଚାପ ପକାଇବା ଏବଂ ରୁଷିଆ ପ୍ରତିବନ୍ଧକରୁ ରକ୍ଷା କରିବାରେ ସାହାଯ୍ୟ କରିବା ପାଇଁ ପ୍ରଚଳନ କରାଯାଇଥିଲା । ଏହି ଆଇନ ଅନୁଯାୟୀ ରୁଷର ଅଶୋଧିତ ତୈଳ ଏବଂ ପ୍ରାକୃତିକ ଗ୍ୟାସ୍ କିଣୁଥିବା ପାଚଂ ଦେଶରୁ ଆମେରିକାକୁ ଆସୁଥିବା ସାମଗ୍ରୀ ଉପରେ ୧୦୦% ପର୍ଯ୍ୟନ୍ତ ଅତିରିକ୍ତ ଶୁଳ୍କ ଲାଗୁ କରାଯିବାକୁ କୁହାଯାଇଥିଲା । ରୁଷକୁ ପ୍ରତିବନ୍ଧକରୁ ରକ୍ଷା କରିବାରେ ସାହାଯ୍ୟ କରୁଥିବା ପ୍ରମୁଖ ଦେଶଗୁଡ଼ିକ ଉପରେ ମଧ୍ୟ ସମାନ ଶୁଳ୍କ ଲାଗୁ କରାଯିବ ବୋଲି ଟ୍ରମ୍ପ ପ୍ରଶାସନ କହିଥିଲେ । ଟ୍ରମ୍ପ ତାଙ୍କ ଆଦେଶରେ ଏହି ବ୍ୟବସ୍ଥାଗୁଡ଼ିକର ଛାଡ଼କୁ ଆମେରିକାର ଜାତୀୟ ସ୍ୱାର୍ଥ ପାଇଁ ବୋଲି ବର୍ଣ୍ଣନା କରିଛନ୍ତି । ତଥାପି, ଏହାର ଅର୍ଥ ନୁହେଁ ଯେ, ରୁଷ ଉପରେ ଥିବା ସମସ୍ତ ଆମେରିକାର କଟକଣା ପ୍ରତ୍ୟାହାର କରାଯାଇଛି ।ଏହି ଆଦେଶରେ ଏହା ମଧ୍ୟ କୁହାଯାଇଛି ଯେ, ପୂର୍ବ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ଅନୁଯାୟୀ ଲାଗୁ ହୋଇଥିବା କଟକଣା ବଳବତ୍ତର ରହିବ । ଶକ୍ତି ବଜାର ଏବଂ ଆମେରିକାର ଘରୋଇ ଆର୍ଥିକ ଅବସ୍ଥାକୁ ମଧ୍ୟ ଟ୍ରମ୍ପ ପ୍ରଶାସନର ଏହି ପଦକ୍ଷେପର ପ୍ରମୁଖ କାରଣ ଭାବରେ ଦର୍ଶାଯାଉଛି ।


## ଆବଶ୍ୟକ

ଉତ୍କଳ ସମାଚାର

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର'ର ସମସ୍ତ ଜିଲ୍ଲା ପାଇଁ: ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204,
Sec-16,Rourkela,
Mob:9692048008
Email: utkalsamachar@gmail.com



କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

# କେନ୍ଦୁଝରରେ 'ମେଗା କ୍ରେଡିଟ୍ ଆଉଟ୍‌ରିଚ୍ ପ୍ରୋଗ୍ରାମ୍ ୨.୦' ଅନୁଷ୍ଠିତ



କେନ୍ଦୁଝର,୧୭/୧୦(ନି/ପ୍ର): ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ (ଆଚାଯଳିକ କାର୍ଯ୍ୟାଳୟ,କେନ୍ଦୁଝର) ଏବଂ ଜିଲ୍ଲା ମିଶନ୍ ଶକ୍ତି ବିଭାଗର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ପାର୍କଲେନ୍‌ସ୍ଥିତ ପୌରପାଳିକା ଅଡିଟୋରିୟମ୍‌ଠାରେ 'ମେଗା କ୍ରେଡିଟ୍ ଆଉଟ୍‌ରିଚ୍ ପ୍ରୋଗ୍ରାମ୍ ୨.୦' ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ କେନ୍ଦୁଝର ସାଂସଦ ଶ୍ରୀ ଅନନ୍ତ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଶ୍ରୀ ନାୟକନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ ଯେ, 'ଗ୍ରାମୀଣ ଅର୍ଥନୀତିକୁ ସମୃଦ୍ଧ କରିବାରେ ବ୍ୟାଙ୍କିଙ୍ଗ୍ କ୍ଷେତ୍ରର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହିଭଳି କ୍ରେଡିଟ୍ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଦ୍ୱାରା ସିଧାସଳଖ ଗ୍ରାମାଂଚଳର ମହିଳା ଓ ଚାଷୀମାନେ ଉପକୃତ ହୋଇପାରିବେ।' ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲ୍ଲାପାଳ ଶ୍ରୀ ବିଶାଳ ସିଂହ ଯୋଗଦେଇ ମହିଳା ସଶକ୍ତିକରଣ ଓ ଆତ୍ମନିଯୁକ୍ତି ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ କୁମାର ନାଗଭୂଷଣ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ମିଶନ୍ ଶକ୍ତି ଓ ବ୍ୟାଙ୍କିଙ୍ଗ୍ କ୍ଷେତ୍ରର ସମନ୍ୱୟ ଦ୍ୱାରା ଜିଲ୍ଲାର ଜୀବିକା ବିକାଶରେ ଏକ ନୂତନ ଅଧ୍ୟାୟ ଯୋଡ଼ିହେବ ବୋଲି ପ୍ରକାଶ କରିଥିଲେ। ଗ୍ରାମାଂଚଳରେ ଆର୍ଥିକ ଅନ୍ତର୍ଭୁକ୍ତିକରଣକୁ ସୁଦୃଢ଼ କରିବା, ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଏବଂ କୃଷକମାନଙ୍କୁ ସହଜ ଋଣ ଯୋଗାଇଦେବା ଲକ୍ଷ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶାଳ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକୁ ମହିଳା ଉଦ୍ୟୋଗୀକରଣ ଓ ଆତ୍ମନିଯୁକ୍ତି ପ୍ରୋତ୍ସାହନ ନିମନ୍ତେ ମୋଟ ୧୧୮.୫୦ କୋଟିର ଋଣ ସହାୟତା ମଞ୍ଜୁର କରାଯାଇଛି। କୃଷି ଓ ଆନୁଷଙ୍ଗିକ କାର୍ଯ୍ୟପାଇଁ ୨୧୬ ଜଣ ଚାଷୀଙ୍କୁ କିଷାନ୍ କ୍ରେଡିଟ୍ କାର୍ଡ ଜରିଆରେ ଋଣ ସୁବିଧା ପ୍ରଦାନ କରାଯାଇଛି। ମିଶନ୍ ଶକ୍ତି ଅଧୀନରେ ୫୪୨ ଜଣ 'ଲକ୍ଷପତି ଦିଦି' ହିତାଧିକାରୀଙ୍କୁ ସ୍ୱତନ୍ତ୍ର ସହାୟତା ଯୋଗାଇ ଦିଆଯାଇ ସେମାନଙ୍କ କ୍ଷୁଦ୍ର ଉଦ୍ୟୋଗର ବିକାଶ ଓ ଜୀବିକା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଛି। ଗ୍ରାମୀଣ ଅର୍ଥନୀତିର ସମୃଦ୍ଧି ଏବଂ ସମାବେଶୀ ବିକାଶ ପାଇଁ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ସଦାସର୍ବଦା ବଦ୍ଧପରିକର ବୋଲି ବ୍ୟାଙ୍କ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବହୁ ସଂଖ୍ୟକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, କୃଷକ ଏବଂ ବ୍ୟାଙ୍କିଙ୍ଗ୍ କର୍ମଚାରୀ ଉପସ୍ଥିତ ଥିଲେ।

# ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟରେ ଏବିଭିପିର ବାଜିମାତ୍
## ଛାତ୍ର ସଭାପତି ଭାବେ ଆଦିତ୍ୟ, ସମ୍ପାଦକ ଭାବେ ବିକାଶ ନାଏକ ନିର୍ବାଚିତ

ଚମ୍ପୁଆ,୧୭/୧୦(ନି/ପ୍ର):ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଏବିଭିପିର ବାଜିମାତ ହୋଇଥିବା ଜଣାପଡିଛି । ସଭାପତି ଭାବେ ଆଦିତ୍ୟ କୁମାର ପୂର୍ତ୍ତି ନିର୍ବାଚିତ ହୋଇଛନ୍ତି । ଉପସଭାପତି ଭାବେ ଅନ୍ନପୂର୍ଣ୍ଣା ସାହୁ ନିର୍ବାଚିତ ହୋଇଛନ୍ତି । ସମ୍ପାଦକ ଭାବେ ବିକାଶ ନାଏକ, ସହ ସମ୍ପାଦକ ଭାବେ ମୋନାଲିସା ମହାନ୍ତ ନିର୍ବାଚିତ ହୋଇଛନ୍ତି । ଡେସ୍କୋଲାର ଆସୋସିଏସନ ସମ୍ପାଦକ ଭାବେ ନନ୍ଦି ମୁଣ୍ଡା ନିର୍ବାଚିତ ହୋଇଛନ୍ତି । ସାମାଜିକ ସେବା ପରାମର୍ଶଦାତା ସମ୍ପାଦକ ଭାବେ ଦିନେଶ ନନ୍ଦି ନିର୍ବାଚିତ ହୋଇଛନ୍ତି । ସଭାପତି ପଦବୀ ପାଇଁ ନିର୍ବାଚନ ଲଢୁଥିବା ବିସିଜେଡି ପ୍ରାର୍ଥୀ ଦେବଶ୍ରୀ ମହାନ୍ତ ୩୩୧ ଖଣ୍ଡ ଭୋଟ ପାଇଥିବାବେଳେ ଏବିଭିପି ସମର୍ଥିତ ପ୍ରାର୍ଥୀ ଆଦିତ୍ୟ କୁମାର ପୂର୍ତ୍ତି ୩୬୭ ଭୋଟ ପାଇଥିଲେ । ସେହିପରି ଉପସଭାପତି ପଦପାଇଁ ବିସିଜେଡି ପ୍ରାର୍ଥୀ ରଜତ କୁମାର ସାହୁ ୩୧୭ ଖଣ୍ଡ ଭୋଟ ପାଇଥିଲାବେଳେ ଏବିଭିପି ପ୍ରାର୍ଥୀ ଅନ୍ନପୂର୍ଣ୍ଣା ସାହୁ ୩୭୭ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ । ସେହିପରି ସମ୍ପାଦକ ପଦପାଇଁ ବିସିଜେଡି ପ୍ରାର୍ଥୀ ଅର୍ପିତା ଗିରି ୩୧୯ ଖଣ୍ଡ ଭୋଟ ପାଇଥିଲା ବେଳେ ଏବିଭିପି ପ୍ରାର୍ଥୀ ବିକାଶ ନାଏକ ୩୭୧ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ । ସେହିପରି ସହ ସମ୍ପାଦକ ପଦ ପାଇଁ ବିସିଜେଡି ପ୍ରାର୍ଥୀ ୩୧୯ ଖଣ୍ଡ ଭୋଟ ପାଇଥିଲାବେଳେ ଏବିଭିପି ପ୍ରାର୍ଥୀ ୩୭୪ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ । ନିର୍ବାଚନ ଅଧିକାରୀ ଭାବେ ଚମ୍ପେଶ୍ୱର ମିଶ୍ର, ଅବଜରଭର ଭାବେ ପୂର୍ଣ୍ଣଚନ୍ଦ୍ର ଗିରି ପ୍ରମୁଖ ନିର୍ବାଚନ ପରିଚାଳନା କରିଥିଲା ବେଳେ କଲେଜର ଅଧ୍ୟକ୍ଷ ପ୍ରଶାନ୍ତ ନନ୍ଦ ସମସ୍ତ କାର୍ଯ୍ୟକ୍ରମର ତଦାରଖ କରିଥିବା ସୂଚନା ମିଳିଛି ।

## ବ୍ୟବସାୟୀ ଅକ୍ଷୟ ପାତ୍ରଙ୍କ ପରଲୋକ

ଭୁବନ,୧୭/୧୦(ନି/ପ୍ର):ଢ଼େଙ୍କାନାଳ ଜିଲ୍ଲା ଭୁବନ ବିଜ୍ଞାପିତ ଅଚଂଳ ପରିଷଦ ୧୪ ନମ୍ବର ୱାର୍ଡ ବଢେଇ ସାହି ବିଶିଷ୍ଟ ବ୍ୟବସାୟୀ ଅକ୍ଷୟ କୁମାର ପାତ୍ର ( ୬୩ )ଙ୍କ ବୁଧବାର ମଧ୍ୟରାତ୍ରରେ ହୃଦଘାତରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ଅକ୍ଷୟ ବାବୁ ନୂଆ ବଜାରରେ ଦୀର୍ଘ ଦିନ ହେଲା ଗ୍ରୋସେରି ଦୋକାନ କରି ତାଙ୍କ ଉତ୍ତମ ବ୍ୟବହାର ପାଇଁ ଲୋକ ପ୍ରିୟତା ହାସଲ କରିଥିଲେ। ତାଙ୍କ ବିୟୋଗ ଖବର ଶୁଣି ନଗରପାଳ ଶୁଭେନ୍ଦୁ କୁମାର ସାହୁ, ନୂଆ ବଜାର ବଣିକ ସଂଘ ସଭାପତି ଦୁଷ୍ମନ୍ତ କୁମାର ପୃଷ୍ଟି ଓ କର୍ମକର୍ତ୍ତାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଘରେ ପହଚିଂ ଅନ୍ତିମ ଦର୍ଶନ କରିବା ସହ ଶବ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# ଚମ୍ପୁଆରେ ବେଆଇନ ବାଲି ଚାଲାଣ ବେଳେ ଚଢ଼ଉ
## ତହସିଲଦାରଙ୍କ ଗାଡ଼ି ଦେଖି ଫେରାର ମାରୁଥିବା ଟ୍ରାକ୍ଟର ଜବତ, ଭାଙ୍ଗିଲା ବିଦ୍ୟୁତ ଖୁଂଟ

ଚମ୍ପୁଆ,୧୭/୧୦(ନି/ପ୍ର):ଚମ୍ପୁଆ ବ୍ଲକ କରଞ୍ଜିଆ ପଂଚାୟତ ଅନ୍ତର୍ଗତ ଲକ୍ଷ୍ମୀପଶି ଗ୍ରାମରେ ବେଆଇନ ବାଲି ଚାଲାଣ ବେଳେ ଏକ ଟ୍ରାକ୍ଟର ଜବତ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ନିକଟସ୍ଥ ବୈତରଣୀ ନଦୀରୁ ଦୀର୍ଘ ଦିନ ହେବ ବାରମ୍ବାର ବାଲି ଚୋରା ଚାଲାଣ ହେଉଥିବା ନେଇ ଅଭିଯୋଗ ହୋଇଆସୁଥିଲା। ଏହି ଅଭିଯୋଗକୁ ଭିତି କରି ଚମ୍ପୁଆ ତହସିଲଦାର ଆଜି ସମ୍ପୃକ୍ତ ଅଂଚଳରେ ହଠାତ୍ ଚଢଉ କରିଥିଲେ। ଚଢ଼ଉ ସମୟରେ ଚୋରା ବାଲି ବୋଝେଇ କରି ଯାଉଥିବା ଏକ ଟ୍ରାକ୍ଟର ( ନମ୍ବର ଓଡି ୦୯ ଏଡି ୨୪୬୨) ତହସିଲଦାରଙ୍କ ଗାଡ଼ିକୁ ଦେଖି ଭୟରେ ଫେରାର ହେବାକୁ ଚେଷ୍ଟା କରିଥିଲା। ତେବେ ଦ୍ରୁତ ଗତିରେ ଖସିଯିବାକୁ ଉଦ୍ୟମ କରୁଥିବା ବେଳେ ଟ୍ରାକ୍ଟରଟି ରାସ୍ତା କଡ଼ରେ ଥିବା ଏକ ବିଦ୍ୟୁତ ଖୁଂଟକୁ ଜୋର୍ ରେ ଧକ୍କା ଦେଇଥିଲା। ଫଳରେ ବିଦ୍ୟୁତ ଖୁଂଟଟି ସମ୍ପୂର୍ଣ୍ଣ ଭାଙ୍ଗି ତଳେ ପଡିଯାଇଛି। ଏହି ଦୁର୍ଘଟଣା ସତ୍ତ୍ୱେ ତହସିଲଦାର ତତ୍ପରତା ପ୍ରକାଶ କରି ଟ୍ରାକ୍ଟରଟିକୁ କାବୁ କରିବାରେ ସଫଳ ହୋଇଥିଲେ। ଗାଡ଼ିକୁ ଜବତ କରିବା ପରେ ଏ ସମ୍ପର୍କରେ ଚମ୍ପୁଆ ଥାନା ଏବଂ ଲଘୁ ଖଣିଜ ବିଭାଗକୁ ତୁରନ୍ତ ଖବର ଦିଆଯାଇଛି। ପୋଲିସ ଓ ସମ୍ପୃକ୍ତ ବିଭାଗ ଟ୍ରାକ୍ଟରକୁ ଥାନାକୁ ନେଇ ଘଟଣାର ଅଧିକ ତଦନ୍ତ ଚଳାଇଥିବା ଜଣାପଡ଼ିଛି।

# କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ବୁକ୍ ସର୍କୁଲାର ନମ୍ବର ୪୭ ଉପରେ କର୍ମଶାଳା




କେନ୍ଦୁଝର,୧୭/୧୦(ନି/ପ୍ର): ନିର୍ବାଚିତ ପ୍ରତିନିଧି ଏବଂ ସରକାରୀ କର୍ମଚାରୀଙ୍କ ମଧ୍ୟରେ ପାରସ୍ପରିକ ଆଲୋଚନା ଓ ସମ୍ପର୍କକୁ ନିୟନ୍ତ୍ରଣ କରୁଥିବା ମାର୍ଗଦର୍ଶିକା ସମ୍ପର୍କରେ ଜିଲ୍ଲା ସ୍ତରୀୟ ଅଧିକାରୀମାନଙ୍କୁ ଅବଗତ କରାଇବା ପାଇଁ କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ଓଡ଼ିଶା ସରକାରଙ୍କ ବୁକ୍ ସର୍କୁଲାର ନମ୍ବର ୪୭ ଉପରେ ଏକ ପ୍ରଶିକ୍ଷଣ ଓ ସଚେତନତା କର୍ମଶାଳା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଂଶଗ୍ରହଣ କରିଥିବା ଅଧିକାରୀମାନଙ୍କୁ ସମ୍ବୋଧିତ କରି ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ ନିର୍ବାଚିତ ପ୍ରତିନିଧି ଏବଂ ପ୍ରଶାସନିକ ବ୍ୟବସ୍ଥା ମଧ୍ୟରେ ପ୍ରଭାବଶାଳୀ ସମନ୍ୱୟ ରକ୍ଷା କରିବା ପାଇଁ ବୁକ୍ ସର୍କୁଲାର ନମ୍ବର ୪୭ର ପ୍ରାବଧାନଗୁଡ଼ିକୁ ପାଳନ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ ଗୁରୁତ୍ୱ ଦେଇ କହିଥିଲେ ଯେ ସମସ୍ତ ସରକାରୀ ଅଧିକାରୀ ସାଂସଦ ଏବଂ ବିଧାୟକମାନଙ୍କ ସହ ଆଲୋଚନା କରିବା ସମୟରେ ସୌଜନ୍ୟତା ଏବଂ ବୃତ୍ତିଗତ ଦକ୍ଷତା ବଜାୟ ରଖିବା ସହ ସେମାନଙ୍କ ପତ୍ରାଚାର ଏବଂ ଅନୁରୋଧର ସମୟାନୁବର୍ତ୍ତୀ ସମାଧାନ ନିଶ୍ଚିତ କରିବା ଆବଶ୍ୟକ। ଏହି କର୍ମଶାଳାରେ ସର୍କୁଲାରର ପ୍ରମୁଖ ପ୍ରାବଧାନଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା, ଯେଉଁଥିରେ ପତ୍ରାଚାରଗୁଡ଼ିକର ତୁରନ୍ତ ପ୍ରାପ୍ତି ସ୍ୱୀକାର ଏବଂ ସାଧାରଣତଃ ୧୫ ଦିନ ମଧ୍ୟରେ ଏହାର ସମାଧାନ, ପତ୍ରାଚାରର ଅନୁଧ୍ୟାନ ପାଇଁ ପୃଥକ ପଞ୍ଜିକା ରକ୍ଷଣାବେକ୍ଷଣ, ଅନୁମତିଯୋଗ୍ୟ ସୂଚନା ପ୍ରଦାନ ଏବଂ ବିକାଶମୂଳକ କାର୍ଯ୍ୟ, ସହାୟତା କାର୍ଯ୍ୟ ଏବଂ ଜନସାଧାରଣଙ୍କ ଅଭିଯୋଗ ସମ୍ପର୍କିତ ପରାମର୍ଶଗୁଡ଼ିକ ଉପରେ ଉପଯୁକ୍ତ ବିଚାର କରିବା ଅନ୍ତର୍ଭୁକ୍ତ ଥିଲା। ଏହାସହ ଅଂଶଗ୍ରହଣକାରୀମାନଙ୍କୁ ଗୋପନୀୟତା ରକ୍ଷା କରିବା, ନିର୍ଦ୍ଧାରିତ ନିୟମାବଳୀ ଅନୁସରଣ କରିବା ଏବଂ ପ୍ରତ୍ୟେକ ସ୍ତରରେ ଜବାବଦେହିତା ନିଶ୍ଚିତ କରିବାର ଗୁରୁତ୍ୱ ବିଷୟରେ ସଚେତନ କରାଯାଇଥିଲା। ଏହି ଅଧିବେଶନରେ ଏହା ଉପରେ ଗୁରୁତ୍ୱ ଦିଆଯାଇଥିଲା ଯେ, ସ୍ୱଚ୍ଛ, ଦାୟିତ୍ୱବାନ ଏବଂ ଜନ-କୈନ୍ଦ୍ରିକ ଶାସନ ପାଇଁ ଏହି ସର୍କୁଲାରର ଅନୁପାଳନ ଅତ୍ୟନ୍ତ ଜରୁରୀ। ନିର୍ବାଚିତ ପ୍ରତିନିଧିମାନଙ୍କ ଦ୍ୱାରା ଉତ୍ଥାପିତ ବିଷୟଗୁଡ଼ିକର ସମାଧାନରେ ଯେପରି ଅନାବଶ୍ୟକ ବିଳମ୍ବ ନହୁଏ, ସେଥିପାଇଁ ବିଚାରାଧୀନ ଥିବା ପତ୍ରାଚାରଗୁଡ଼ିକର ବ୍ୟବସ୍ଥିତ ଅନୁଧ୍ୟାନ ନିଶ୍ଚିତ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଏହି କର୍ମଶାଳାରେ ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୁକାନ୍ତ ମାଝୀ, ଡେପୁଟି କଲେକ୍ଟର ରଜତ ପାଢ଼ୀ ଏବଂ ଆସିଷ୍ଟାଂଟ କଲେକ୍ଟର ସରୋଜ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା କେନ୍ଦୁଝର ଜିଲ୍ଲାର ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ବୁକ୍ ସର୍କୁଲାର ନମ୍ବର ୪୭ର ପ୍ରାବଧାନଗୁଡ଼ିକର ସଚେତନତା ବୃଦ୍ଧି ଏବଂ ସମାନ କାର୍ଯ୍ୟାନ୍ୱୟନ ନିଶ୍ଚିତ କରିବା, ଯାହାଦ୍ୱାରା ଉତ୍ତମ ପ୍ରଶାସନିକ ସମନ୍ୱୟ ଏବଂ ଦକ୍ଷ ଜନସେବା ପ୍ରଦାନକୁ ପ୍ରୋତ୍ସାହନ ମିଳିପାରିବ।

# ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ରାୟଗଡ଼ା ରେଳ ମଣ୍ଡଳ ପକ୍ଷରୁ ଘନ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କରେ ସଚେତନତା ଅଭିଯାନ

ଜୟପୁର,୧୭/୧୦(ନି/ପ୍ର): ସ୍ୱଚ୍ଛତା ପକ୍ଷ ପାଳନର ଅଂଶସ୍ୱରୂପ, ପୂର୍ବତଟ ରେଳପଥ ରାୟଗଡ଼ା ରେଳ ମଣ୍ଡଳ ପକ୍ଷରୁ ଏହାର ପରିସୀମା ମଧ୍ୟରେ ଘନ ବର୍ଜ୍ୟବସ୍ତୁ ପରିଚାଳନା ନିୟମାବଳୀ , ୨୦୨୬ ସମ୍ପର୍କରେ ଏକ ବ୍ୟାପକ ସଚେତନତା ଅଭିଯାନ ଆୟୋଜନ କରାଯାଇଥିଲା। ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସ୍ୱଚ୍ଛତାର ପ୍ରସାର, ଦାୟିତ୍ୱପୂର୍ଣ୍ଣ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ପରିବେଶର ସୁରକ୍ଷା ସମ୍ପର୍କରେ ଜନସଚେତନତା ବୃଦ୍ଧି କରିବା। ଏହି କାର୍ଯ୍ୟକ୍ରମ ଅବସରରେ ସଫେଇ କର୍ମଚାରୀମାନଙ୍କୁ (ସଫାଇ ମିତ୍ର) ନିୟମାବଳୀ, ୨୦୨୬ର ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ବୁଝାଇବା ସହ ସଚେତନ କରାଯାଇଥିଲା। ବିଶେଷକରି ଉତ୍ସସ୍ଥଳରେ ଘନ ବର୍ଜ୍ୟବସ୍ତୁକୁ ଚାରୋଟି ବର୍ଗରେ ପୃଥକୀକରଣ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।ଏହି ବର୍ଗଗୁଡ଼ିକ ହେଉଛି ଓଦା ବର୍ଜ୍ୟବସ୍ତୁ, ଶୁଖିଲା ବର୍ଜ୍ୟବସ୍ତୁ, ସାନିଟାରୀ ବର୍ଜ୍ୟବସ୍ତୁ ଏବଂ ବିଶେଷ ଯତ୍ନ ଆବଶ୍ୟକ କରୁଥିବା ବର୍ଜ୍ୟବସ୍ତୁ। ନିର୍ଦ୍ଧାରିତ ନିୟମ ଅନୁଯାୟୀ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା, ସଂଗ୍ରହ ଓ ବୈଜ୍ଞାନିକ ନିଷ୍କାସନ ସୁନିଶ୍ଚିତ କରି ଏକ ସ୍ୱଚ୍ଛ ଓ ସୁସ୍ଥ ରେଳ ପରିବେଶ ଗଠନରେ ସହଯୋଗ କରିବାକୁ ସେମାନଙ୍କୁ ଉତ୍ସାହିତ କରାଯାଇଥିଲା। ଏହି ସଚେତନତା ଅଭିଯାନର ଅଂଶସ୍ୱରୂପ ରାୟଗଡ଼ା ରେଳ ମଣ୍ଡଳର ବିଭିନ୍ନ ସ୍ଥାନରେ ରେଳ ଜନ ସମ୍ବାଦ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଯାତ୍ରୀ ଓ ସାଧାରଣ ଜନତାଙ୍କୁ ରେଳ ଷ୍ଟେସନ ତଥା ଅନ୍ୟାନ୍ୟ ରେଳ ପରିସରରେ ସ୍ୱଚ୍ଛତା ବଜାୟ ରଖିବା, ଉତ୍ସସ୍ଥଳରେ ବର୍ଜ୍ୟବସ୍ତୁ ପୃଥକୀକରଣ କରିବା, ଏଣେତେଣେ ଆବର୍ଜନା ନ ପକାଇବା ଏବଂ ଉପଯୁକ୍ତ ପଦ୍ଧତିରେ ବର୍ଜ୍ୟବସ୍ତୁ ନିଷ୍କାସନ କରିବା ସମ୍ପର୍କରେ ସଚେତନ କରାଯାଇଥିଲା। ଏହି ପଦକ୍ଷେପ ସ୍ୱଚ୍ଛତା ସମ୍ପର୍କରେ ଜନସଚେତନତା ବୃଦ୍ଧି କରିବା ସହ ସ୍ୱଚ୍ଛ, ସୁସ୍ଥ ଓ ପରିବେଶ ଅନୁକୂଳ ରେଳ ପରିସର ଗଠନରେ ଜନସାଧାରଣଙ୍କ ସକ୍ରିୟ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ପାଇଁ ଭାରତୀୟ ରେଳପଥର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ୧ ଏପ୍ରିଲ ୨୦୨୬ରୁ କାର୍ଯ୍ୟକାରୀ ହୋଇଥିବା ଘନ ବର୍ଜ୍ୟବସ୍ତୁ ପରିଚାଳନା ନିୟମାବଳୀ, ୨୦୨୬ରେ ଉତ୍ସସ୍ଥଳରେ ବର୍ଜ୍ୟବସ୍ତୁର ପୃଥକୀକରଣ, ସମ୍ପଦର ପୁନରୁଦ୍ଧାର ଏବଂ ପରିବେଶ ଅନୁକୂଳ ପଦ୍ଧତିରେ ବର୍ଜ୍ୟବସ୍ତୁ ପରିଚାଳନା ଓ ନିଷ୍କାସନ ଉପରେ ଗୁରୁତ୍ୱ ଦିଆଯାଇଛି।

# ମୟୂରଭଞ୍ଜରେ ପ୍ରାଥମିକ ଶିକ୍ଷାର ବିକଳ ଚିତ୍ର : ଅଧା ସ୍କୁଲ୍‌ରେ ନାହିଁ ଶୌଚାଳୟ, ବିଦ୍ୟୁତ୍



ବାରିପଦା,୧୭/୧୦(ନି/ପ୍ର): ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାରେ ପ୍ରାଥମିକ ଶିକ୍ଷାର ସ୍ଥିତି ଚିନ୍ତାଜନକ। ଅଧା ସ୍କୁଲ୍‌ରେ ଶୌଚାଳୟ ଓ ଆଲୁଅ ବ୍ୟବସ୍ଥା ନାହିଁ। ଯେଉଁଠି ଶୌଚାଳୟ ଅଛି, ସେଠାରେ ପାଣିର ଅଭାବ। ଆବଶ୍ୟକ ଶିକ୍ଷକ ନଥିବାରୁ ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ମଧ୍ୟାହ୍ନଭୋଜନ ଓ 'ଆସ ବିଦ୍ୟାଳୟ ଯିବା' କାର୍ଯ୍ୟକ୍ରମ ମଧ୍ୟ ପିଲାଙ୍କୁ ସ୍କୁଲ୍‌ମୁହାଁ କରିବାରେ ସଫଳ ହୋଇପାରୁନାହିଁ। ଫଳରେ ବର୍ଷକୁ ବର୍ଷ ସ୍କୁଲରେ ପିଲାଙ୍କ ସଂଖ୍ୟା କମୁଛି। ଜିଲ୍ଲାରେ ପ୍ରଥମରୁ ପଂଚମ ଶ୍ରେଣୀ ପର୍ଯ୍ୟନ୍ତ ୨,୬୧୪ଟି, ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧,୧୭୫ଟି ଏବଂ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୬୨୯ଟି ନୋଡାଲ୍ ସ୍କୁଲ୍ ରହିଛି। ତେବେ ସେଥିମଧ୍ୟରୁ ଅଧା ସ୍କୁଲ୍‌ରେ ଶୌଚାଳୟ ନାହିଁ। ଅନେକ ସ୍କୁଲ୍‌ରେ ପାଣି ଅଭାବରୁ ଶୌଚାଳୟ ବ୍ୟବହାର ଉପଯୋଗୀ ହୋଇପାରୁନାହିଁ। କେଉଁଠି ପିଲାଙ୍କୁ ବାଲତିରେ ପାଣି ବୋହିବାକୁ ପଡୁଛି ତ ଆଉ କେଉଁଠି ଶୌଚ ପାଇଁ ପାଖ ବିଲ ଓ ପଡ଼ିଆକୁ ଯିବା ପାଇଁ ପଡୁଛି। ବିଶୋଇ, ଠାକୁରମୁଣ୍ଡା, ଜାମଦା, ତିରିଂ, ରାସଗୋବିନ୍ଦପୁର, କପ୍ତିପଦା ଓ ବାଙ୍ଗିରିପୋଷି ସମେତ ଅନେକ ବ୍ଲକ୍‌ରେ ଏହି ସମସ୍ୟା ଗମ୍ଭୀର। ଶୌଚାଳୟର ପରିଷ୍କାର ପରିଚ୍ଛନ୍ନତା ଓ ରକ୍ଷଣାବେକ୍ଷଣକୁ ମଧ୍ୟ ଗୁରୁତ୍ୱ ଦିଆଯାଉନାହିଁ। ଅନେକ ସ୍କୁଲ୍‌ରେ ଆଲୁଅ ବ୍ୟବସ୍ଥା ନଥିବା ସହ ଆବଶ୍ୟକ ଶିକ୍ଷକ ମଧ୍ୟ ନାହାନ୍ତି। ଯାହା ପିଲାଙ୍କ ପାଠପଢ଼ା ଓ ଉପସ୍ଥାନକୁ ପ୍ରଭାବିତ କରୁଛି। ତଥ୍ୟ ଅନୁସାରେ; ଜିଲ୍ଲାରେ ୨୦୧୭-୧୮ ଶିକ୍ଷାବର୍ଷରେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ୩ଲକ୍ଷ ୪୪ହଜାର ୧୧୯ ଜଣ ପିଲା ପଢୁଥିଲେ। ୨୦୧୮-୧୯ରେ ଏହି ସଂଖ୍ୟା ୩ଲକ୍ଷ ୨୪ ହଜାର ୧୧୨କୁ ଖସିଥିଲା। ୨୦୧୯-୨୦ରେ ୩ ଲକ୍ଷ ୧୧ ହଜାର ଥିବାବେଳେ ୨୦୨୦-୨୧ରେ ୨ଲକ୍ଷ ୯୮ ହଜାର ୩୨୨କୁ ହ୍ରାସ ପାଇଥିଲା। ୨୦୨୧-୨୨ରେ ଏହି ସଂଖ୍ୟା ଆହୁରି କମି ୨ଲକ୍ଷ ୮୨ହଜାର ୧୫୩ରେ ପହଚିଂଥିଲା। ସେହିପରି ୨୦୨୨-୨୩ରେ ୧୨ହଜାରରୁ ଅଧିକ, ୨୦୨୩-୨୪ରେ ୧୦ ହଜାର ଏବଂ ୨୦୨୪-୨୫ରେ ୮ ହଜାର ପିଲା ସ୍କୁଲ୍ ଛାଡ଼ିଥିବା କୁହାଯାଇଛି। ମୋଟାମୋଟି ଭାବେ ଗତ ୭ ବର୍ଷରେ ୭୦ ହଜାରରୁ ଅଧିକ ପିଲା ଅଧାରୁ ପାଠପଢ଼ା ଛାଡ଼ିଛନ୍ତି। ଅନ୍ୟପଟେ ଜିଲ୍ଲାର ଦୁର୍ଗମ ଅଚଂଳରେ ସ୍ଥିତି ଆହୁରି ଗମ୍ଭୀର। ଅନେକ ପିଲା ସ୍କୁଲ୍ ? ନଯାଇ ଜଙ୍ଗଲରେ ବୁଲୁଥିବାବେଳେ ଅଭିଭାବକଙ୍କ ମଧ୍ୟରେ ସଚେତନତାର ଅଭାବ ରହିଛି। ସରକାରଙ୍କ 'ଆସ ବିଦ୍ୟାଳୟ ଯିବା' କାର୍ଯ୍ୟକ୍ରମ ସତ୍ତ୍ୱେ ସ୍ଥିତିରେ ସୁଧାର ଆସିନାହିଁ। ଏନେଇ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ କହିଛନ୍ତି, ବିଭାଗ ସମସ୍ୟା ସମ୍ପର୍କରେ ଅବଗତ ଅଛି। ଏହାର ସମାଧାନ ପାଇଁ ପଦକ୍ଷେପ ନିଆଯାଉଛି। ଯେଉଁ ପିଲାମାନେ ସ୍କୁଲ୍ ଛାଡ଼ିଛନ୍ତି, ସେମାନଙ୍କୁ ପୁଣି ସ୍କୁଲ୍‌କୁ ଫେରାଇ ଆଣିବା ପାଇଁ ଉଦ୍ୟମ କରାଯାଉଛି। ତେବେ ଏନେଇ ପ୍ରଶାସନ ଅପେକ୍ଷା ଅଭିଭାବକମାନେ ଅଧିକ ସଚେତନ ହେବା ଆବଶ୍ୟକ।

# ସୁରଭି ୨୦୨୬ ଉଦ୍‌ଯାପିତ

ବଲାଙ୍ଗୀର,୧୭/୧୦(ନି/ପ୍ର):ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ହଡରାଟାଲ ବିଦ୍ୟାଳୟ ପରିସରରେ ସୁରଭି ୨୦୨୬ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟପ୍ରସଙ୍ଗ ସମୃଦ୍ଧ ଭାଷା, ସମୃଦ୍ଧ ଓଡ଼ିଶାକୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଚିତ୍ରାଙ୍କନ, ବକ୍ତୃତା, ପ୍ରବନ୍ଧ ପ୍ରତିଯୋଗିତା ତଥା ଓଡ଼ିଶାର ଅସ୍ମିତାକୁ ନେଇ ବିଭିନ୍ନ କଳା ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ସିଆରସିସି ବିନାୟକ କୁମାର ପଟେଲଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବରେ ଜନ୍ମଜୟ ମେହେର, ସରପଂଚ ଦୁଲାଲ କୁମାର ନାଥ, ଏବିଇଓ, ସ୍କୁଲ ପରିଚାଳନା କମିଟି ସଭାପତି ପ୍ରମୋଦ କୁମାର ପଟେଲ, ପ୍ରଧାନ ଶିକ୍ଷୟତ୍ରୀ ହିମାଦ୍ରୀ ବେହେରା ପ୍ରମୁଖ ମଂଚାସିନ ଥିଲେ।

ଭାରତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥାନ ଖଡ଼ଗପୁର
INDIAN INSTITUTE OF TECHNOLOGY KHARAGPUR
**ବିଜ୍ଞାପନ ସଂଖ୍ୟା:ଆର/୧୪/୨୦୨୬ ତାରିଖ ୧୪ ସେପ୍ଟେମ୍ବର ୨୦୨୬**
ଭାରତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥାନ ଖଡ଼ଗପୁର ଭାରତୀୟ ନାଗରିକଙ୍କ ଠାରୁ ନିମ୍ନଲିଖିତ ପଦ ପାଇଁ **ଅନଲାଇନ ଆବେଦନ** ପ୍ରକ୍ରିୟା ଗ୍ରହଣ କରୁଛି।
୧) ପ୍ରଫେସନାଲ ଟ୍ରେନିଂ (କେନ୍ଦ୍ରୀୟ ପୁସ୍ତକାଳୟ)-୦୮ ପଦ
ଶିକ୍ଷାଗତ ଯୋଗ୍ୟତା, ବୟସ ଏବଂ ଅପଡ଼େଟ୍ ର ଅଧିକ ବିବରଣୀ ପାଇଁ https://www.iitkgp.ac.in/non-teaching-positions ପରଦର୍ଶନ କରନ୍ତୁ।
ଅନଲାଇନ ଆବେଦନର ଶେଷ ତାରିଖ :୩୧/୧୦/୨୦୨୬
cbc- 21255/11/0013/2627 କୂଳସଚିବ

# ଜଜାଙ୍ଗ ଉ.ପ୍ରା. ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା,୧୭/୧୦(ନି/ପ୍ର): ସରକାରୀ ଉ. ପ୍ରା. ବିଦ୍ୟାଳୟ ଜଜାଙ୍ଗରେ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ୨୦୨୬ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ମହାପାତ୍ରଙ୍କ ପୌରହିତ୍ୟରେ ଆଜି ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ବ୍ଲକ୍ ଉପାଧ୍ୟକ୍ଷ ପ୍ରତାପ ନାରାୟଣ ମହାପାତ୍ର ମୁଖ୍ୟ ଅତିଥି, ଅବସର ପ୍ରାପ୍ତ ଓ କବୟିତ୍ରୀ ଅନ୍ନପୂର୍ଣ୍ଣା ମହାନ୍ତି ମୁଖ୍ୟବକ୍ତା, ଗୁଲନଗର ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟଦର୍ଶନୀ ତରାଇ ଓ ଜଜାଙ୍ଗ ଆଚଂଳିକ ସାଧନ କେନ୍ଦ୍ରର ସଂଯୋଜିକା ନିରୋଜା ନଳିନୀ ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ସୁଜାନଗର ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ରଞ୍ଜନ ରଣା ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିକ୍ଷକ ଉମାକାନ୍ତ ମହାପାତ୍ର ସୁନ୍ଦର ଶ୍ଳୋକ ଆବୃତି ମଧ୍ୟମରେ କାର୍ଯକ୍ରମର ଶୁଭାରମ୍ଭ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ କ୍ଲଷ୍ଟରର ୧୪ଟି ବିଦ୍ୟାଳୟର ପ୍ରାୟ ୨୦୦ ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ ଓ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । କ୍ଲଷ୍ଟରର ପ୍ରତ୍ୟେକ ବିଦ୍ୟାଳୟରୁ ଆସିଥିବା ସୁଦକ୍ଷ ଶିକ୍ଷକ/ଶିକ୍ଷୟିତ୍ରୀ ଅମରେନ୍ଦ୍ର ମହାନ୍ତି, ସ୍ନେହଲତା ପରିଡ଼ା, ଉମାକାନ୍ତ ମହାପାତ୍ର, ପ୍ରଜ୍ଞାପ୍ରଗଲଭା ଚଇନି, ମଣ୍ଡରଧର ରଥ, ମାନସୀ ସିଂହ, ଶୁଭସ୍ମିତା ସ୍ୱାଇଁ, ଅତୁଳା ମୋନାଲିସା ରାଉତ, ଭୂମିଶ୍ମିତା ମାଝୀ, ବନଜା ପ୍ରିୟଦର୍ଶନୀ ରାଉତ,ଏମ୍ ଡି ଜଲାଲୁଦ୍ଦିନ, ପ୍ରସନ୍ନ କୁମାର ନାୟକ , ସଂଯୁକ୍ତ ପ୍ରଧାନ, ଏସ କେ ନୁର୍ଦ୍ଦିନ, ପ୍ରସନ୍ନା ପ୍ରିୟଦର୍ଶିନୀ ସାହୁ, ସ୍ନେହଲତା ପରିଡ଼ା, ରାଜଶ୍ରୀ ପତି, ଏସ କେ ରଇସୁଦ୍ଦିନ ପ୍ରମୁଖ ବିଭିନ୍ନ ପ୍ରତିଯୋଗିତାରେ ବିଚାରକ ଭାବେ ନିରପେକ୍ଷ ବିଚାର ପ୍ରଦାନ କରି ସୁଚାରୁରୂପେ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ । ଉକ୍ତ ବିଦ୍ୟାଳୟର ଶିକ୍ଷକ ସେକ୍ ରିୟୁଓ୍ୱାନ ଧନ୍ୟବାଦ ଅର୍ପଣ କରିଥିଲେ ।



କେନ୍ଦୁଝର:ଜିଲ୍ଲାପାଳଙ୍କ ମିନି କନଫରେନ୍ସ ହଲରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ଓ ରାଜପଥ ସୁରକ୍ଷା ଟାସ୍କଫୋର୍ସର ବୈଠକ

ଉତ୍କଳ ସମାଚାର

## ସମ୍ପାଦକୀୟ...

**ରବିବାର ୧୮ ଅକ୍ଟୋବର ୨୦୨୬**

# ଯା ଦେବୀ ସର୍ବଭୂତେଷୁ !

**ଇଂ. ସଚ୍ଚିଦାନନ୍ଦ ନନ୍ଦ**

ଭାରତରେ ପାଳିତ ହେଉଥିବା ବିଶିଷ୍ଟ ପର୍ବପର୍ବାଣୀ ମଧ୍ୟରୁ ଦଶହରା ଅନ୍ୟତମ। ସହରମାନଙ୍କରେ ଏହା ଖୁବ୍ ଜାକଜମକରେ ହେଉଥିବାବେଳେ ଗ୍ରାମାଂଚଳରେ ଅତି ଭକ୍ତି ଓ ନିଷ୍ଠାର ସହ ପାଳନ କରାଯାଏ। ବିଷ୍ଣୁ ପୂଜା, ଶିବ ପୂଜା ଓ ମାତୃପୂଜାର ପ୍ରଶସ୍ତ ଅବସର ଆରମ୍ଭ ହୁଏ ଗଣେଶ ପୂଜା ଠାରୁ ଏବଂ କାର୍ତ୍ତିକେଶ୍ୱର ପୂଜାରେ ମାନସିକତା ବିଶ୍ରାମ ନିଏ। ବିଭିନ୍ନ ପର୍ବପର୍ବାଣୀ ପାଳନର ତାତ୍ପର୍ଯ୍ୟ ଜାଣିବା ନିତାନ୍ତ ଆବଶ୍ୟକ, ନଚେତ୍ କେବଳ ଶାରୀରିକ, ଆର୍ଥିକ ଶ୍ରମ ହିଁ ସାର ହେବ। ଦଶହରା ଦୁର୍ଗାପୂଜା ଅନ୍ତରାଳରେ ଥିବା କିମ୍ବଦନ୍ତୀକୁ ଅନ୍ତରର ସହ ବିଶ୍ୱାସ କରିବାକୁ ହେବ। ଏଗୁଡ଼ିକ କେବଳ ମାତ୍ର ଗଳ୍ପ ବା ଅନ୍ଧବିଶ୍ୱାସ ନୁହେଁ। ଆଜିକାଲି ମଣିଷ ଏଭଳି ଅବସ୍ଥାରେ ଅଛି ଯେ ସେ ସମୟରେ ଯାହା ଘଟିଥିଲା ତାହାକୁ ବିଶ୍ୱାସ କରିପାରୁନାହିଁ। ଏହାର କାରଣ ଖୋଜିବସିଲେ ଦେଖାଯାଏ ସେ ସମୟର ତପସ୍ୟା ଆଜିକାଲି ନାହିଁ, ସେ ସମୟରେ ପାଳିତ ହେଉଥିବା ମୂଲ୍ୟବୋଧ, ଆଦର୍ଶ, ଦାନଶୀଳତା, କର୍ମନିଷ୍ଠା, ଗୁରୁଜନ ଭକ୍ତି, ମାତୃଜାତି ପ୍ରତି ସମ୍ମାନ, ନାରୀମାନଙ୍କ ସତୀତ୍ୱ ଓ ଜନସାଧାରଣଙ୍କ ଚରିତ୍ରବତା ଆଜିକାଲି ବିରଳ। ଦୁଃଖର କଥା ସେଥିପାଇଁ କେହି ଦୁଃଖିତ ବା ଅନୁତପ୍ତ ନୁହନ୍ତି। ଅପରପକ୍ଷରେ ଅଧିକାଂଶ ପରିଶ୍ରମକାତର, ଗୁରୁଗୁରୁଜନଙ୍କ କଥା ଓ ଆପ୍ତବାକ୍ୟ ପ୍ରତି ଉଦାସୀନ, ଶାସ୍ତ୍ରୋକ୍ତ ନୀତି ନିୟମର ଅବହେଳା, ତା ସାଙ୍ଗକୁ ଆରାମପ୍ରଦ ଜୀବନ ଦରକାର, ଅଳ୍ପ ପରିଶ୍ରମରେ ଅଧିକ ଉପାର୍ଜନ ଦରକାର, କେହି ଆମର ଦୋଷ ଗୁଣ ଦେଖାଇବେ ନାହିଁ, ଯଦି କେହି କହିଲା ମାନସମ୍ମାନ ହରାଇବା ସୁନିଶ୍ଚିତ, କର୍ତ୍ତବ୍ୟଜ୍ଞାନ ନଥାଇ ଅଧିକାର ପ୍ରାପ୍ତ ହେବାର ଇଚ୍ଛା, ସମାଜ ପ୍ରତି ମୋ କର୍ତ୍ତବ୍ୟକୁ ସମ୍ପାଦନ ନକରି ସମାଜ ମୋ ପାଇଁ କ'ଣ ନକଲା ତାହାର ହିସାବ କରିବା, ପରିବାରର ଭିତରେ ମଧ୍ୟ ଅବସ୍ଥା ପୁରାପୁରି ସ୍ୱାର୍ଥକୈନ୍ଦ୍ରିକ, ସମାଜର ଅଭାବଗ୍ରସ୍ତ ଲୋକଙ୍କୁ ସାହାଯ୍ୟ କରିବା ଦୂରେ ଥାଉ, ପରିବାର ଭିତରେ ମଧ୍ୟ କେହି କାହା ପାଇଁ ଚିନ୍ତିତ ନୁହନ୍ତି, ସ୍ୱାର୍ଥପରତାପୂର୍ଣ୍ଣ ମନ ଓ ହୃଦୟର ରାଜତ୍ୱ ଏପରି ସ୍ଥଳେ ପୌରାଣିକ ସମୟର କଥା କିପରି ବିଶ୍ୱାସ ହୁଅନ୍ତା ? ତଥାପି ସୌଭାଗ୍ୟର କଥା ପୂଜା କରାଯାଉଛି, ବନ୍ଦନା ବୋଲାଯାଉଛି, ପୁସ୍ତକ ବିକ୍ରି ହେଉଛି, ମନ୍ଦିର ଗୁଡ଼ିକୁ ଅଧିକ ସୁନ୍ଦର କରାଯାଉଛି, ଘରେ ଘରେ ଉପସନାସ୍ଥଳୀରେ ସାଜସଜ୍ଜା ମଧ୍ୟରେ ପୂଜା ଆରାଧନା କରାଯାଉଛି। ଏହାର କାରଣ ପରିଷ୍କାର। ମଣିଷର ସାମାଜିକ ଚଳଣୀ, ପାରିବାରିକ ଚଳଣୀ ଯେତେ ବଦଳିଗଲେ ସୁଦ୍ଧା ବ୍ୟକ୍ତିଗତ ହୃଦୟର କାହିଁ କେଉଁ ନିଭୃତ କୋଣରେ ଦିବ୍ୟସତ୍ତା ତା'ର ପ୍ରେମ ଭାବ ବିସ୍ତାର କରି ସ୍ୱାର୍ଥଜଡ଼ିତ ମାନବ ଜାତିକୁ ପୁନଃ ସଂସ୍କାରିତ କରିବାରେ ସଫଳ ହୋଇଚାଲିଛି। ଏହି ପ୍ରେମଭାବ ହିଁ ଭଗବାନ ଓ ମଣିଷ ମଧ୍ୟରେ ଭାବସୂତ୍ର। ମଣିଷ ମଣିଷ ମଧ୍ୟରେ ଯୋଗସୂତ୍ର ଓ ବ୍ୟକ୍ତି ହୃଦୟରେ ଉଙ୍କି ମାରୁଥିବା ଭକ୍ତି, ସ୍ନେହ, ଶ୍ରଦ୍ଧା। ଉପହାର ନାମରେ ପୁଣି କିଛି ତ୍ୟାଗର ପୁନଃ ପ୍ରଚଳନ। ବିଶେଷକରି ଭାରତରେ ସେ ପ୍ରାଚୀନ ମୂଲ୍ୟବୋଧ ଓ ଆଦର୍ଶ ପୁନର୍ବାର ପ୍ରତିଷ୍ଠିତ ହୋଇଯାଏ କାରଣ ସେହି ଏକ ଭଗବାନ ଭିନ୍ନ ଭିନ୍ନ ନାମ ରୂପ ଧରି, ସମୟର ବିଭିନ୍ନ ପର୍ଯ୍ୟାୟରେ, ବିଭିନ୍ନ ରାଜ୍ୟରେ ମାନବ ଶରୀର ଧରି ଜନ୍ମଗ୍ରହଣ କରି ବିଭିନ୍ନ ଭାଷା ମାଧ୍ୟମରେ ସେହି ପ୍ରାଚୀନକୁ ନବୀନ ରୂପ ଦେଇ ପୁନଃ ପ୍ରଚାର କରନ୍ତି ଓ ତାହାର ଅଲୌକିକ ଶକ୍ତିର ନିଦର୍ଶନ ଜନସମାଜକୁ ଦେଖାଇ ଦେଇଥାଆନ୍ତି। ତେଣୁ ଏଠାରେ ମୂଲ୍ୟବୋଧର ଗ୍ଲାନି ଅସମ୍ଭବ। କେତେବେଳେ କେଉଁ ଅବସରରେ ତାହାର ଆଭାସ ଦେଖାଦେଲେ ମଧ୍ୟ ପରବର୍ତ୍ତୀ ସମୟରେ ଗ୍ଲାନୀ ଅପସରିଯାଏ। ଦିବ୍ୟ ସତ୍ତାର ହସ୍ତକ୍ଷେପ ବଳରେ। ସେହି ସତା ଦୁର୍ଗା, ଶିବ, ବିଷ୍ଣୁ, ଗଣେଶ, ସୂର୍ଯ୍ୟ, ଲକ୍ଷ୍ମୀ, ରାମ, କୃଷ୍ଣ ପ୍ରଭୃତି ବିଭିନ୍ନ ନାମ ଧରି ମାନବ ହୃଦୟରେ ଆସନ ଜମାଇ ବସିଯାଆନ୍ତି। ସେଥିପାଇଁ ଭଗବାନଙ୍କୁ କେନ୍ଦ୍ର କରି ପୂଜା ପାର୍ବଣ ନିଷ୍ପ୍ରଭ ନ ହୋଇ ଅଧିକ ଉତ୍ସାହ ଉଦ୍ଦୀପନା ସହ ସମାଜକୁ ଧାର୍ମିକ ଦିଗରେ ଚଲାଇ ନେଉଛି। ଅଧୋଗତିରୁ ବଚାଂଇ ଦେଉଛି। ଯାତ୍ରାର ଚାକଚକ୍ୟ ଦେଖି ଶିଶୁ ଅଧିକରୁ ଅଧିକ ଚଚଂଳ ହୋଇଯାଏ। ଏପରିକି ବାପା ଓ ମାଆଙ୍କ ତତ୍ତ୍ୱାବଧାନରେ ନରହି ନିଜେ ସବୁକିଛି ଅନୁଭବ କରିବାରେ ଲାଗିପଡ଼େ। ଦୈବାତ୍ ଅସୁବିଧା ସୃଷ୍ଟି ହୋଇଯାଏ, ଭୟାତୁର ହୋଇ ଶିଶୁ ତା ଅଭିଭାବକ / ପିତାମାତାଙ୍କୁ ଖୋଜିବସେ। ତତ୍କ୍ଷଣାତ୍ ନପାଇ ହତାଶ, ନିରାଶ ହୋଇପଡ଼େ। ବର୍ତ୍ତମାନ ଆଉଥରେ ତାଙ୍କ ତତ୍ତ୍ୱାବଧାନର ଅଧିନ ହେବା ବରଂ ଶ୍ରେୟସ୍କର ବୋଲି ତା'ର ମନେହୁଏ। ଏହି ସମୟରେ ଖୋଜିବା ଦ୍ୱାରା ହେଉ, ଡାକବାଜି ଯନ୍ତ୍ରର ସାହାଯ୍ୟ ନେଇ ହେଉ ବା କୌଣସି ସ୍ୱେଚ୍ଛାସେବକଙ୍କ ସାହାଯ୍ୟ ଫଳରେ ହେଉ ଶିଶୁକୁ ନିରାପଦ ସ୍ଥାନ ପିତାମାତା ମିଳିଯାଏ। ଏହା ବୟସ୍କମାନଙ୍କ କ୍ଷେତ୍ରରେ ମଧ୍ୟ ଘଟିଥାଏ। ବୟସ୍କମାନଙ୍କ ମନର ଅବସ୍ଥା ନେଇ ତାଙ୍କୁ ଦିବ୍ୟ ପିତାମାତାଙ୍କ ତତ୍ତ୍ୱାବଧାନ ପ୍ରାପ୍ତ ହୋଇଥାଏ। ସେ ଶିବ, ବିଷ୍ଣୁ ବା ଦେବୀ ହୋଇପାରନ୍ତି। ଜୀବନର କେଉଁ ନା କେଉଁ ମୋଡରେ ଭଗବାନ ଆମକୁ କୋଳକୁ ନେଇ ଅଭୟ ପ୍ରଦାନ କରନ୍ତି ନାହିଁ କେବଳ, ମଣିଷ ତାଙ୍କୁ ଅନୁସରଣ କରିବା ଦେଖିଲେ ସେ ତାକୁ ତାହାର ପ୍ରକୃତ ପରିଚୟ ପ୍ରଦାନରେ ଲାଗିପଡ଼ନ୍ତି। ମଣିଷ ନିଜର ପରିଚୟ ପାଇଗଲେ ତା'ର ଦେହାତ୍ମବୋଧ ଚାଲିଯାଏ। ତା'ସହିତ ଭୟ ମଧ୍ୟ ଉଭେଇଯାଏ। ଏସବୁ ଘଟିଥାଏ ଏ ସାଂସାରିକ ଜୀବନରେ ପର୍ବପର୍ବାଣୀ ପାଳନ ଫଳରେ। ଯୁଗେ ଯୁଗେ ଭଗବାନ ଘଟାଇ ଯାଇଥିବା ଘଟଣା ଗୁଡ଼ିକ ମାନବ ସମାଜର ପରମ ମଙ୍ଗଳ ପାଇଁ ଉଦ୍ଦିଷ୍ଟ। ସେ ଏହା ସୃଷ୍ଟି କରିଥାନ୍ତି କାରଣ, ଏସବୁ ଜାଣିବା ଓ ଶୁଣିବା ଫଳରେ ମଣିଷର ଆଚମ୍ବିତ ମନ ତାଙ୍କ ପ୍ରତି ଆକର୍ଷିତ ହେବ, ତାଙ୍କ ଦ୍ୱାରା ସୃଷ୍ଟି ଘଟଣାମାନ ଏତେ ଅଲୌକିକ ଯେ ତାହା ମଣିଷ ପରି କ୍ଷୁଦ୍ର ଜୀବକୁ ଆଶ୍ଚର୍ଯ୍ୟଚକିତ କରିଦିଏ ଏବଂ ଏପରି ପ୍ରଭାବିତ ହୋଇଯିଏ ଭଗବାନଙ୍କ ଆଡ଼କୁ ଲମ୍ଫ ପ୍ରଦାନ କରେ ସେ ସେହି ଐଶ୍ୱରିକ ପ୍ରବାହରୁ ଆଉ ମୁକୁଳି ପାରେ ନାହିଁ। ଏହା ତାହାର ସର୍ବୋଚ୍ଚ ମଙ୍ଗଳ ସାଧନ କରେ। ମାଛି ସବୁଥିରେ ବସେ, କେବଳ ନିଆଁରେ ବସେ ନାହିଁ, ବସିଲେ ମରେ। ମନ ମଧ୍ୟ ସବୁଥିରେ ଆଗ୍ରହୀ, ମାତ୍ର ଭଗବାନଙ୍କ ଠାରେ ଆଗ୍ରହ କରେନାହିଁ। ଯଦି କରନ୍ତା ତେବେ ସେ ମରିଯାଆନ୍ତା। ମନ ମରିଯିବା ହିଁ ମନୋଲୟ, ମନ ନାଶନ। ଯେଉଁ ମନ ମଣିଷର ସବୁ ପ୍ରକାର ଦୁର୍ଗତିର କାରଣ, ସେ ମରିଯିବାଟା ଅତୀବ ଶୁଭ ସୂଚନା। ଏହା କେବଳ ସାଂସାରିକ ଜୀବନ ଦୃଷ୍ଟିରୁ ନୁହେଁ, ଆଧାତ୍ମିକ ଜୀବନ ଦୃଷ୍ଟିରୁ ମଧ୍ୟ ସର୍ବୋତ୍କୃଷ୍ଟ। ଭଗବାନଙ୍କ ଚମତ୍କାରୀତା ଧିରେ ଧିରେ ମଣିଷ ମନକୁ କରିଦିଏ ଏକ ବିମୁଗଧ କ୍ରୀତଦାସ। ତାଙ୍କ ଚମତ୍କାରୀ ଲୀଳା ମଧ୍ୟରେ ଏକ କ୍ଷୁଦ୍ର ଭୂମିକା ଖୋଜେ ମନ, ସେଥିପାଇଁ ଯାହା କରିବା ଉଚିତ ତାହା ସମ୍ପାଦନା କରିବାରେ କୁଣ୍ଠାକୁ ଦୂରେଇ ଦେଇ ମଣିଷ ତା'ର କର୍ମଦକ୍ଷତାର ପରିସର ଭୁଲି ଆଗକୁ ଆଗକୁ ମାଡ଼ି ଚାଲେ ଭେଟିବାକୁ ତା'ର ଇପ୍ସିତ ପ୍ରେମିକକୁ। ଏହାହିଁ ପ୍ରକୃତ ଯାତ୍ରା। ବାହ୍ୟ ପ୍ରଦର୍ଶନୀ ତାକୁ ଅଧୋଗତି ପ୍ରଦାନ କରୁଛି ବୋଲି ତା'ର ହୃଦୟଙ୍ଗମ ହୁଏ।

# ସଶକ୍ତୀକରଣର ସ୍ୱରୂପ

**ଲକ୍ଷ୍ମୀଧର ମିଶ୍ର**

୧୯୪୦ ସାଲର କଥା। ଓଡ଼ିଶାର ଲବ୍ଧପ୍ରତିଷ୍ଠ ଔପନ୍ୟାସିକ ତଥା ଜ୍ଞାନପୀଠ ପୁରସ୍କାର ବିଜେତା ଗୋପୀନାଥ ମହାନ୍ତି ତାଙ୍କ ଆତ୍ମଜୀବନୀରେ ତାଲୁକ ମାଜିଷ୍ଟ୍ରେଟ ଭାବେ କୋରାପୁଟର (୧୯୪୦-୪୪) ଅନୁଭୂତି କଥା ଲେଖିଛନ୍ତି। ଏହି ସମୟରେ ଗୋଟିଏ ମାମଲା ବିଚାର ପାଇଁ ତାଙ୍କ ପାଖକୁ ଆସିଲା। କଥାଟି ଥିଲା ଏହିଭଳି: ପୁଲିସ ବିଭାଗର ଜଣେ କନିଷ୍ଠ ଅଧିକାରୀ ଗୋଟିଏ ବସ୍ତା ପିଆଜ ତାଙ୍କ ଘର ପାଇଁ ନେଲାବେଳେ ବସ୍‌ଷ୍ଟାଣ୍ଡରୁ ଘର ପର୍ଯ୍ୟନ୍ତ ବୋହି ନେବା ପାଇଁ ସେ ଜଣେ ଆଦିବାସୀ ଲୋକକୁ ଲଗାଇଲେ। ଲୋକଟି କାମ ସାରି ଫେରିବା ବେଳେ ରାସ୍ତାରୁ ଖସି ତଳେ ପଡ଼ିଥିବା କିଛି ପିଆଜ ଦେଖି ଗୋଟେଇ ନେଇ ସେ ଚାଲିଯିବାକୁ ଉଦ୍ୟତ ହେଲା ବେଳକୁ ତାହା ଦେଖିପାରି ପୁଲିସ ଅଧିକାରୀ ଜଣକ ତାକୁ ଗିରଫ କଲେ ଓ ହାତକଡ଼ା ପିନ୍ଧାଇ ପୁଲିସ ହାଜତକୁ ପଠାଇ ଦେଲେ। ଅଭିଯୁକ୍ତଙ୍କ ନାଁରେ ଭାରତୀୟ ପିଙ୍ଗଳ କୋଡ୍‌ର ୩୭୯ ଧାରା ଅନୁଯାୟୀ ଚୋରି ମକଦ୍ଦମା ଦାଏର କରାଗଲା ଓ ତାଙ୍କୁ ତାଲୁକ ମାଜିଷ୍ଟ୍ରେଟଙ୍କ ଅଦାଲତରେ ପେସ କରାଗଲା। ଅଭିଯୁକ୍ତ ମାଜିଷ୍ଟ୍ରେଟଙ୍କ ସାମ୍ନାରେ ଶପଥ ନେଇ କହିଲେ ଯେ ସେ ନିର୍ଦ୍ଦୋଷ। ଏଣେ ଆରୋପକାରୀ ଶପଥ ନେଇ ତାଙ୍କ ବୟାନରେ କହିଲେ ଯେ ଅଭିଯୁକ୍ତ ମିଥ୍ୟା କହୁଛନ୍ତି। ତେବେ, ସାକ୍ଷୀମାନଙ୍କୁ ଜେରା କଲା ପରେ ମାଜିଷ୍ଟ୍ରେଟ ଅଭିଯୁକ୍ତଙ୍କୁ ମୁକ୍ତ କରିବା ସହ ତାଙ୍କ ରାୟରେ ଉଲ୍ଲେଖ କରିଥିଲେ ଯେ ଅଭିଯୁକ୍ତ ଜଣେ ଗରିବ ଭୂମିହୀନ ଆଦିବାସୀ। ତାଙ୍କ କାର୍ଯ୍ୟରେ କୌଣସି ଦୁରଭିସନ୍ଧି ବା ଅପରାଧସୂଚକ ଉଦ୍ଦେଶ୍ୟ ନଥିଲା। ଅତି ମାମୁଲି ଧରଣର ଦୋଷ ଲାଗି ଭାରତୀୟ ପିଙ୍ଗଲ କୋଡ୍‌ର ଧାରା ୩୭୯ ଅନୁସାରେ ମାମଲା କରିବା ଏକ ଅବିବେକୀ କାମ। ଜଣେ ସରଳ ଆଦିବାସୀଙ୍କ ବିରୋଧରେ ଏଭଳି ଏକ ତୁଚ୍ଛ ମାମଲା ଦାଏର କରି ଅଧିକାରୀ ଜଣକ ନିଜର ପଦମର୍ଯ୍ୟାଦାର ଅବମାନନା କରିଛନ୍ତି। ତାହା ଥିଲା ବ୍ରିଟିସ ଶାସନ କାଳ। ସେ ସମୟର ଦାରିଦ୍ର୍ୟ ଏତେ ଉତ୍କଟ ଥିଲା ଯେ ଛିଣ୍ଡା ଅଖାରୁ ପଡ଼ିଯାଇଥିବା ପିଆଜ ଗୋଟାଇବାକୁ ଜଣେ ବ୍ୟକ୍ତି ବାଧ ହୋଇଥିଲେ। ଏଇଠି ଆସେ ସଶକ୍ତୀକରଣର ସଂଦର୍ଭ। ଏହି ଲେଖକ ରାଷ୍ଟ୍ରୀୟ ସାକ୍ଷରତା ମିସନର ମହାନିର୍ଦ୍ଦେଶକ ଓ କେନ୍ଦ୍ର ସରକାରଙ୍କ ମାନବ ସମ୍ବଳ ବିକାଶ ମନ୍ତ୍ରାଳୟରେ ସଂଯୁକ୍ତ ସଚିବ ଭାବେ, ସ୍ୱାଧୀନତା ଲାଭର ଚାରି ଦଶନ୍ଧି ପରେ ଅର୍ଥାତ୍ ୧୯୮୮ରୁ ୧୯୯୩ ମସିହା ମଧ୍ୟରେ ରାଷ୍ଟ୍ରର ପ୍ରମୁଖ ରାଜ୍ୟମାନ ଗସ୍ତ କରିବା ସମୟରେ ଅଗଣିତ ନିରକ୍ଷର ବ୍ୟକ୍ତିଙ୍କ ସହ କଥା ହୋଇଥିଲେ, ଯେଉଁମାନଙ୍କ ନିରକ୍ଷରତା ପାଇଁ ସେମାନେ ଦାୟୀ ନୁହନ୍ତି। ସେମାନଙ୍କ ଭିତରୁ ଅନେକ ସ୍କୁଲ ଯାଇ, ପାଠ ପଢ଼ି ବ୍ୟକ୍ତିଗତ ଜୀବନରେ ଉତ୍ତରୋତ୍ତର ଉନ୍ନତି କରିବା ପାଇଁ ଇଚ୍ଛୁକ ଥିଲେ ମଧ୍ୟ ଦାରିଦ୍ର୍ୟ ଯୋଗୁଁ ତହିଁରୁ ବଚିଂତ ହୋଇଥିଲେ। ଏହି ଅନୁଭୂତିରୁ ସଂକଳ୍ପ ନିଆଯାଇଥିଲା ଯେ ଶିକ୍ଷା ଲାଭ ଲାଗି ଆଗ୍ରହୀ କୌଣସି ବ୍ୟକ୍ତି ଯେମିତି ଦାରିଦ୍ର୍ୟ ସକାଶେ ସେଥିରୁ ବଚିଂତ ନ ହୁଅନ୍ତି। ଏଭଳି ସଂକଳ୍ପ ହେଉଛି 'ସଶକ୍ତୀକରଣ'ର ଭିତ୍ତିଭୂମି। ଆମ ସମାଜରେ ଯେଉଁ ବର୍ଗକୁ ସଶକ୍ତୀକରଣର ସର୍ବାଧିକ ଆବଶ୍ୟକତା ରହିଛି, ସେମାନେ ହେଉଛନ୍ତି ମହିଳା। ଏମାନେ ଏକ ବିଶେଷ ବଚିଂତ ବର୍ଗ, ଯଦିଓ ଏମାନଙ୍କ ସଂଖ୍ୟା ଜନସଂଖ୍ୟାର ଅର୍ଦ୍ଧେକ। ମହିଳାମାନଙ୍କ ଦୁର୍ଭାଗ୍ୟ ହେଲା ଯେ ଦେଶ ଓ ସମାଜର ଉନ୍ନତିରେ ସେମାନଙ୍କ ଅବଦାନ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ହୋଇଥିଲେ ସୁଦ୍ଧା ତାହାକୁ ରୁଢ଼ିବାଦୀ ଓ ପୁରୁଷତାନ୍ତ୍ରିକ ସମାଜ ହେୟ ଦୃଷ୍ଟିରେ ଦେଖିଥାଏ। ଯେଉଁ ମହିଳାମାନେ ଆଜି ଶୀର୍ଷ ସ୍ଥାନରେ ଉପନୀତ, ସେମାନେ ସମସ୍ତେ ପ୍ରାୟତଃ ବିଭିନ୍ନ ପ୍ରତିକୂଳତାର ସମ୍ମୁଖୀନ ହୋଇଥାଆନ୍ତି। ତେଣୁ ସେମାନଙ୍କୁ ଆଗକୁ ବଢ଼ିବା ଲାଗି ସୁଯୋଗ ଓ ପ୍ରତ୍ୟୟ ଯୋଗାଇବା ହେଉଛି ସେମାନଙ୍କ ସଶକ୍ତୀକରଣର ମାର୍ଗ। ସଶକ୍ତୀକରଣ ସବୁ କ୍ଷେତ୍ରରେ ସମସ୍ତଙ୍କ ଲାଗି ପ୍ରାସଙ୍ଗିକ। ଭୂମିହୀନଙ୍କୁ ଭୂମି, ଗୃହହୀନଙ୍କୁ ବାସଗୃହ, ନିରକ୍ଷରଙ୍କୁ ସାକ୍ଷର କରିବା, ଚାଷୀଙ୍କ ଲାଗି ସାର ଓ ବିହନ ଆଦି ଉପଲବ୍ଧ କରାଇବାଠାରୁ ନେଇ ଦୁଃଖୀକୁ ସାନ୍ତ୍ୱନା ପ୍ରଦାନ, ପୀଡ଼ିତର ପୀଡ଼ା ମୋଚନର ଉଦ୍ୟମ ଆଦି ପର୍ଯ୍ୟନ୍ତ ସବୁ କିଛିରେ ସଶକ୍ତୀକରଣର ଉଦ୍ଦେଶ୍ୟ ନିହିତ ଥାଏ। ଏଥିରେ ସରକାରଙ୍କର ତ ଭୂମିକା ନିଶ୍ଚିତ ଭାବେ ଥାଏ, କିନ୍ତୁ ବୈୟକ୍ତିକ ସ୍ତରରେ ମଧ୍ୟ ଅନେକ ବ୍ୟକ୍ତି ଦାୟିତ୍ୱ ନିର୍ବାହ କରିଥାଆନ୍ତି। କୌଣସି ଜଣେ ଗ୍ରାମୀଣ ବାଳକ ବା ବାଳିକାଙ୍କୁ ଆବିଷ୍କାର କରି ଉଚ୍ଚକୋଟୀର ଖେଳାଳିରେ ପରିଣତ କରିବା ବା କୌଣସି ପିଲାର ପ୍ରତିଭାକୁ ଚିହ୍ନି ତାଲିମ ଦେଇ ତାକୁ ଗାୟକ ବା ଗାୟିକାରେ ପରିଣତ କରିବାରେ ବ୍ୟକ୍ତିବିଶେଷଙ୍କ ଭୂମିକା ବିଷୟରେ ଆମେମାନେ ଶୁଣିଥାଉଁ। ଏମାନେ ସମସ୍ତେ ସଶକ୍ତୀକରଣର ସୂତ୍ରଧର। ଏହି ଭଳି ଲୋକେ ବୁଝନ୍ତି ଯେ ନାଗରିକମାନେ ସଶକ୍ତ ହେଲେ ରାଷ୍ଟ୍ର ମଧ୍ୟ ଶକ୍ତିଶାଳୀ ଓ ସ୍ୱାବଲମ୍ବୀ ହେବ। ସଶକ୍ତୀକରଣର ପ୍ରାରମ୍ଭ ପ୍ରଥମେ ପରିବାରରେ ହେବା ଉଚିତ। ଏହି କ୍ରମରେ ଶିଶୁମାନଙ୍କର ସଶକ୍ତୀକରଣ ହେଉଛି ପରିବାରର ଗୁରୁଜନମାନଙ୍କ ପ୍ରଥମ ଦାୟିତ୍ୱ। ଏହାର ମୂଳାଧାର ହେଉଛି ସ୍ନେହ, ପ୍ରେମ ଓ ଆଦର-ଯତ୍ନ। ପିଲାମାନେ କୌତୂହଳପ୍ରବଣ, ଅନୁସନ୍ଧିତ୍ସୁ। ସେମାନଙ୍କ ପ୍ରଶ୍ନକୁ ଧୈର୍ଯ୍ୟର ସହିତ ଶୁଣି ଉତ୍ତର ଦେବା ହେଉଛି ଗୁରୁଜନମାନଙ୍କ ପ୍ରଥମ କର୍ତବ୍ୟ। ଏଥିରୁ ଶିଶୁର ନୂଆ ଜ୍ଞାନ ବଢ଼େ, ଶିଶୁମାନେ ଜିଜ୍ଞାସୁ ହୋଇ ଉଠନ୍ତି। ଅନେକ ପିତାମାତା ବିରକ୍ତ ହୋଇ କୁତୂହଳୀ ଶିଶୁମାନଙ୍କୁ ଚୁପ୍ କରାଇ ଦିଅନ୍ତି ! କିଛି ବାପାମା' ଭାବନ୍ତି ଯେ ଭଲ ପୋଷାକ ବା ଖାଦ୍ୟ ବା ପିଲା ଚାହୁଁଥିବା ଖେଳଣା ଆଦି ଧରାଇ ଦେବା ହେଉଛି ଉତମ ଲାଳନପାଳନର ସଂକେତ। କିନ୍ତୁ ବିଜ୍ଞ ପିତାମାତାମାନେ ବୁଝନ୍ତି ଯେ ଶିଶୁକୁ ସଶକ୍ତ କରିବାକୁ ହେଲେ ତାଙ୍କ ଅନୁସନ୍ଧିତ୍ସାକୁ ବଳବତ୍ତର କରି ରଖିବାକୁ ହୁଏ, ନୂଆ ନୂଆ ଉଦ୍ଭାବନ ଲାଗି ଶିଶୁକୁ ପ୍ରୋତ୍ସାହିତ କରିବାକୁ ହୁଏ। ଏଭଳି ବାପାମା'ମାନେ ପରିବାରରେ ଶିଶୁ ସଶକ୍ତୀକରଣର ମୂଳଦୁଆ ପକାନ୍ତି। ତା' ପରେ ଶିଶୁମାନେ ବିଦ୍ୟାଳୟକୁ ଗଲେ ଶିକ୍ଷକମାନଙ୍କ ଭୂମିକା ଆରମ୍ଭ ହୁଏ। ସ୍କୁଲରେ ଶିକ୍ଷକମାନଙ୍କର କାର୍ଯ୍ୟ ନିର୍ଦ୍ଦିଷ୍ଟ ନିର୍ଘଂଟ ଆଧାରିତ। କିନ୍ତୁ ଉତ୍କୃଷ୍ଟ ଶିକ୍ଷକମାନେ ସେହି ନିର୍ଘଂଟକୁ ମହତ୍ୱ ନ ଦେଇ ଛାତ୍ର ବା ଛାତ୍ରୀଙ୍କୁ ଉତ୍ତମ ଓ ଦାୟିତ୍ୱବାନ୍ ନାଗରିକ ଭାବେ ଗଢ଼ିବାକୁ ଚାହିଁ ଥାଆନ୍ତି। ଏହା ଦ୍ୱାରା ବଢୁଥିବା ପିଲା ମନରେ କଳ୍ପନାର ଉଡ଼ାଣ ସକାଶେ ସେମାନେ ଇନ୍ଧନ ଭରି ଦିଅନ୍ତି। ଏହା ଫଳରେ ଶିଶୁର କ୍ରମ ଉନ୍ନରଣର ଯାତ୍ରା ଅବ୍ୟାହତ ରହେ। ଅନେକ ଶିକ୍ଷକ କିନ୍ତୁ ଭାବନ୍ତି ଯେ କଠୋର ଦଣ୍ଡ ଦେଇ ପିଲାଙ୍କୁ ଶାସନ କରିବା ହେଉଛି ଶିକ୍ଷକର କର୍ତ୍ତବ୍ୟ। ପ୍ରଥମ କଥା ତ ଶିକ୍ଷାୟତନରେ ହିଂସାର କୌଣସି ସ୍ଥାନ ନ ଥାଏ। ଦ୍ୱିତୀୟ କଥା ହେଲା ଏହି କାରଣରୁ ଅନେକ ଛାତ୍ରଛାତ୍ରୀ ଅଧାରୁ ପାଠ ଛାଡ଼ନ୍ତି, ପିଲାମାନଙ୍କ ମନରେ ଶିକ୍ଷା ପ୍ରତି ଆଗ୍ରହ ମରିଯାଏ, କେହି କେହି ଭୟାଳୁ ଓ ଆତ୍ମବିଶ୍ୱାସହୀନ ହୋଇ ବଢ଼ନ୍ତି। ତେଣୁ ବିଦ୍ୟାଳୟ ସ୍ତରରେ ସଶକ୍ତୀକରଣର ଭୂମିକା ପ୍ରତି ଶିକ୍ଷକମାନେ ସଚେତନ ହେବା ଜରୁରି। ଆମ ସମାଜରେ ଯେଉଁ ବର୍ଗକୁ ସଶକ୍ତୀକରଣର ସର୍ବାଧିକ ଆବଶ୍ୟକତା ରହିଛି, ସେମାନେ ହେଉଛନ୍ତି ମହିଳା। ଏମାନେ ଏକ ବିଶେଷ ବଚିଂତ ବର୍ଗ, ଯଦିଓ ଏମାନଙ୍କ ସଂଖ୍ୟା ଜନସଂଖ୍ୟାର ଅର୍ଦ୍ଧେକ। ମହିଳାମାନଙ୍କ ଦୁର୍ଭାଗ୍ୟ ହେଲା ଯେ ଦେଶ ଓ ସମାଜର ଉନ୍ନତିରେ ସେମାନଙ୍କ ଅବଦାନ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ହୋଇଥିଲେ ସୁଦ୍ଧା ତାହାକୁ ରୁଢ଼ିବାଦୀ ଓ ପୁରୁଷତାନ୍ତ୍ରିକ ସମାଜ ହେୟ ଦୃଷ୍ଟିରେ ଦେଖିଥାଏ। ଯେଉଁ ମହିଳାମାନେ ଆଜି ଶୀର୍ଷ ସ୍ଥାନରେ ଉପନୀତ, ସେମାନେ ସମସ୍ତେ ପ୍ରାୟତଃ ବିଭିନ୍ନ ପ୍ରତିକୂଳତାର ସମ୍ମୁଖୀନ ହୋଇଥାଆନ୍ତି। ତେଣୁ ସେମାନଙ୍କୁ ଆଗକୁ ବଢ଼ିବା ଲାଗି ସୁଯୋଗ ଓ ପ୍ରତ୍ୟୟ ଯୋଗାଇବା ହେଉଛି ସେମାନଙ୍କ ସଶକ୍ତୀକରଣର ମାର୍ଗ। ଶିକ୍ଷା ଓ ସଚେତନତା ହେତୁ ମହିଳାମାନେ ସଶକ୍ତ ହେବାରେ ଲାଗିଛନ୍ତି। ତେବେ ଦରିଦ୍ର ଓ ବଚିଂତ ବର୍ଗର ମହିଳାମାନଙ୍କ ଲାଗି ସଶକ୍ତୀକରଣର ବାଟ ହେଉଛି ସଂଘବଦ୍ଧ ହେବା। ମହିଳାମାନେ ସଂଘବଦ୍ଧ ହେଲେ ମଦ ବିକ୍ରିକୁ ବିରୋଧ କରିବାଠାରୁ ନେଇ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଆର୍ଥିକ ଭାବେ ସ୍ୱାବଲମ୍ବୀ ହେବା ପର୍ଯ୍ୟନ୍ତ ଅନେକ କ୍ଷେତ୍ରରେ ସଫଳ ହୋଇ ପାରନ୍ତି। କୌଣସି ମନୁଷ୍ୟକୁ ଇତର ବୋଲି ବିଚାର ନ କରି ତା' ମଧ୍ୟରେ ବିଶ୍ୱ ମାନବର ସନ୍ଧାନ କଲେ, ବିଶ୍ୱପ୍ରାଣତା ଅନୁଭବ କଲେ ଯାଇ ଦୁର୍ବଳଙ୍କୁ ବଳ ଦେବାର ଆଗ୍ରହ ଓ ସ୍ପୃହା ଜାଗିଥାଏ। ଉପନିଷଦର ବାଣୀ କହିଥାଏ, ଅୟଂ ନିଜଃ ପରୋ ବେତି ଗଣନା ଲଘୁଚେତସାମ୍ ।ଉଦାରଚରିତାନାଂ ତୁ ବସୁଧୈବ କୁଟୁମ୍ବକମ୍ ଅର୍ଥାତ୍, ଏହା ମୋର ଓ ତାହା ତୁମର- ଏ ପ୍ରକାର ଭାବନା ସଂକୀର୍ଣ୍ଣମନା ମନୁଷ୍ୟଙ୍କର। ଯେଉଁମାନେ ସହୃଦୟ ଓ ଉଦାର ମନୋଭାବପୂର୍ଣ୍ଣ, ସେମାନଙ୍କ ପାଇଁ ସମଗ୍ର ପୃଥିବୀ ଏକ ପରିବାର ପରି। ଏହାକୁ ଆଜିର ସଂଦର୍ଭରେ ରଖି ବିଚାର କଲେ ଏକ ଭେଦଭାବ ରହିତ ପୃଥିବୀର ଦୃଶ୍ୟ ଆଗକୁ ଆସିଥାଏ। ସେଠି ପ୍ରତ୍ୟେକ ପରସ୍ପରକୁ ବଳ ବା ଅବଲମ୍ବନ ଦେବାରେ ବ୍ରତୀ ରହନ୍ତି। ଏଥିରେ ସଶକ୍ତୀକରଣ ସାର୍ବଜନୀନ ହୋଇଥାଏ ଏବଂ ମାନବ ସମାଜର ବିକାଶ ସ୍ୱତଃସ୍ଫୂର୍ତ୍ତ ଓ ସ୍ୱାଭାବିକ ହୋଇଥାଏ।

# ଭୋକମୁକ୍ତ ଓଡିଶା

ଖାଦ୍ୟ କେବଳ ଭୋକ ମେଂଟାଇବାର ମାଧ୍ୟମ ନୁହେଁ, ଏହା ମଣିଷର ବଂଚିବାର ଆଧାର, ଶରୀରର ଶକ୍ତି, ଶିଶୁର ଭବିଷ୍ୟତ, ପରିବାରର ସ୍ୱାସ୍ଥ୍ୟ ଓ ସମାଜର ସମ୍ମାନ ସହ ଜଡିତ ଏକ ମୌଳିକ ଆବଶ୍ୟକତା। ଯେଉଁ ମାଟିରେ ଚାଷୀ ଝାଳ ବୁହାଇ ଧାନ ଫଳାଏ, ଯେଉଁ ରାଜ୍ୟରେ ନଦୀ, ଜଳାଶୟ ଓ ଉର୍ବର ଭୂମି ଜୀବନକୁ ପୋଷଣ କରେ, ସେହ ଓଡ଼ିଶାରେ କୌଣସି ପରିବାର ଯଦି ଦୁଇବେଳା ଭାତ ପାଇଁ ସଂଘର୍ଷ କରେ, କୌଣସି ଶିଶୁ ଯଦି ପୁଷ୍ଟିକର ଖାଦ୍ୟ ଅଭାବରେ ଦୁର୍ବଳ ହୁଏ ଏବଂ ଅନ୍ୟ ପଟେ ଖାଦ୍ୟ ଥାଇ ମଧ୍ୟ ଅସାବଧାନତାରେ ନଷ୍ଟ ହୁଏ, ତେବେ ଏହା କେବଳ ଅର୍ଥନୈତିକ ସମସ୍ୟା ନୁହେଁ, ଆମ ସାମାଜିକ ବିବେକ ପାଇଁ ମଧ୍ୟ ଏକ ଗମ୍ଭୀର ପ୍ରଶ୍ନ। ଓଡ଼ିଶାର ଅତୀତ ଆମକୁ ଭୋକର ଭୟାବହତା ଶିଖାଇଛି, ବର୍ତମାନ ଆମକୁ ଖାଦ୍ୟ ବଂଟନ, ପୁଷ୍ଟି ଓ ନିରାପତାର ଆହ୍ୱାନ ସାମ୍ନା କରାଉଛି, ଆଉ ଆସନ୍ତାକାଲି ଆମକୁ ଏମିତି ଏକ ଓଡିଶା ଗଢିବାକୁ ଡାକୁଛି, ଯେଉଁଠାରେ କେହି ଭୋକରେ ଶୋଇବେ ନାହିଁ, କେହି ଅପୁଷ୍ଟିରେ ନିଜ ସମ୍ଭାବନା ହରାଇବେ ନାହିଁ ଏବଂ କାହାରି ଥାଳିକୁ ଅସୁରକ୍ଷିତ ଖାଦ୍ୟ ପହଂଚିବ ନାହିଁ। ଓଡ଼ିଶାର ଇତିହାସରେ ୧୮୬୬ ମସିହାର ନଅଙ୍କ ଦୁର୍ଭିକ୍ଷ ଏକ ଅବିସ୍ମରଣୀୟ ଦୁଃଖଦ ଅଧ୍ୟାୟ। ଏହି ଦୁର୍ଭିକ୍ଷ ଆମକୁ ମନେ ପକାଏ ଯେ ଖାଦ୍ୟର ଅଭାବ, ଦୁର୍ବଳ ଯୋଗାଣ ବ୍ୟବସ୍ଥା, ଅପର୍ଯ୍ୟାପ୍ତ ସହାୟତା ଓ ପ୍ରଶାସନିକ ବିଫଳତା ମିଶିଲେ ଏକ ସମାଜ କେତେ ବଡ ବିପର୍ଯ୍ୟାୟର ସାମ୍ନା କରିପାରେ। ସେହି ଇତିହାସକୁ କେବଳ ଶୋକର ସ୍ମୃତି ଭାବେ ନୁହେଁ ଭବିଷ୍ୟତ ପାଇଁ ସତର୍କବାଣୀ ଭାବେ ଗ୍ରହଣ କରିବା ଆବଶ୍ୟକ। ଆଜି ଧାନ ଉତ୍ପାଦନ, ସାର୍ବଜନୀନ ବଂଟନ ବ୍ୟବସ୍ଥା, ରାସନ ସାମଗ୍ରୀ, ଶିଶୁ ପୋଷଣ କାର୍ଯ୍ୟକ୍ରମ ଓ ବିଭିନ୍ନ ସରକାରୀ ସହାୟତା ଯୋଗୁଁ ଅନେକ ପରିବାର ଖାଦ୍ୟ ପାଇବାର ସୁଯୋଗ ପାଉଛନ୍ତି। ତଥାପି ଖାଦ୍ୟ ସୁରକ୍ଷାର ଅର୍ଥ କେବଳ ଚାଉଳ କିମ୍ବା ଗହମ ବଂଟନରେ ସୀମିତ ରହିପାରିବ ନାହିଁ। ଜଣେ ମଣିଷ ପେଟ ପୁରା ଖାଇଲେ ମଧ୍ୟ ଯଦି ତାଙ୍କ ଖାଦ୍ୟରେ ଡାଲି, ଶାଗ, ପନିପରିବା, ଫଳ, ଦୁଗ୍ଧ, ଡିମ୍ବ କିମ୍ବା ଉପଯୁକ୍ତ ବିକଳ୍ପ ପୁଷ୍ଟିକର ଉପାଦାନର ଅଭାବ ରହେ, ତେବେ ତାଙ୍କ ଶରୀର ସୁସ୍ଥ ରହିବା କଷ୍ଟକର ହୋଇପାରେ। ଭୋକ ମେଂଟାଇବା ଓ ପୁଷ୍ଟି ପୂରଣ କରିବା ମଧ୍ୟରେ ଏକ ମୌଳିକ ପାର୍ଥକ୍ୟ ଅଛି। ଏହି ପାର୍ଥକ୍ୟକୁ ବୁଝିବା ହିଁ ଓଡ଼ିଶାର ଆଗାମୀ ଖାଦ୍ୟ ନୀତିର ମୁଖ୍ୟ ଆଧାର ହେବା ଉଚିତ। ଗର୍ଭବତୀ ମହିଳାଙ୍କୁ ଉପଯୁକ୍ତ ଖାଦ୍ୟ ନମିଳିଲେ ମାଆ ଓ ଶିଶୁ ଉଭୟଙ୍କ ସ୍ୱାସ୍ଥ୍ୟ ପ୍ରଭାବିତ ହୋଇପାରେ, ଛୋଟ ପିଲାଙ୍କୁ ପୁଷ୍ଟିକର ଖାଦ୍ୟ ନମଳିଲେ ତାଙ୍କ ଶାରୀରିକ ବୃଦ୍ଧି, ଶିଖିବାର କ୍ଷମତା ଓ ଭବିଷ୍ୟତର ସମ୍ଭାବନା ଉପରେ ପ୍ରଭାବ ପଡିପାରେ, କିଶୋରୀଙ୍କ ମଧ୍ୟରେ ରକ୍ତହୀନତା ଓ ପୁଷ୍ଟି ଅଭାବ ଥିଲେ ତାହା ତାଙ୍କ ଶିକ୍ଷା ଓ ଜୀବନର ଗୁଣବତାରୁ କ୍ଷତି ପହଂଚାଇପାରେ। ତେଣୁ ଖାଦ୍ୟ ସୁରକ୍ଷାକୁ ଶିଶୁ ସ୍ୱାସ୍ଥ୍ୟ, ମାତୃ ସ୍ୱାସ୍ଥ୍ୟ, ଶିକ୍ଷା, ପରିବାରର ଆୟ ଓ ସାମାଜିକ ନ୍ୟାୟା ସହ ଏକାଠି ଦେଖିବାକୁ ପଡିବ। ଏହି କ୍ଷେତ୍ରରେ ଅଙ୍ଗନବାଡି କେନ୍ଦ୍ର, ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ, ମାତୃ ଓ ଶିଶୁ ପୋଷଣ ସେବା ଏବଂ ରାସନ ବଂଟନ ବ୍ୟବସ୍ଥାର ଗୁରୁତ୍ୱ ଅତ୍ୟନ୍ତ ଅଧିକ। ଏହି ସେବାଗୁଡିକ କାଗଜପତ୍ରରେ ସଫଳ ଦେଖାଯିବା ଯଥେଷ୍ଟ ନୁହେଁ। ଲାଭାର୍ଥୀଙ୍କ ଥାଳିରେ ଖାଦ୍ୟ ପହଂଚୁଛି କି, ତାହାର ଗୁଣମାନ ଠିକ୍ ଅଛି କି, ନିର୍ଦ୍ଧାରିତ ପରିମାଣ ମିଳୁଛି କି ଓ କେହି ଅନ୍ୟାୟ ଭାବେ ବଂଚିତ ହେଉଛନ୍ତି କି-ଏହାର ନିୟମିତ ଯାଂଚ ଆବଶ୍ୟକ। ଦୂରଦୂରାନ୍ତର ଗାଁ, ପାହାଡିଆ ଅଂଚଳ, ଆଦିବାସୀ ବସତି ଦୁର୍ଗମ ଜଙ୍ଗଲ ଅଂଚଳ ଓ ବିପର୍ଯ୍ୟାୟପ୍ରବଣ ଅଂଚଳରେ ଯୋଗାଣ ବ୍ୟବସ୍ଥାକୁ ଅଧିକ ସୁଦୃଢ କରିବା ଦରକାର। ଚାଷୀଙ୍କଠାରୁ ଧାନ କିଣିବା, ଗୋଦାମରେ ସୁରକ୍ଷିତ ଭାବେ ସଂରକ୍ଷଣ କରିବା, ପରିବହନ ସମୟରେ କ୍ଷତି ରୋକିବା ଓ ଯୋଗ୍ୟ ପରିବାରଙ୍କୁ ସମୟରେ ରାସନ ପହଂଚାଇବା- ଏହି ସମସ୍ତ ପଦକ୍ଷେପ ଏକ ଶୃଙ୍ଖଳାର ଏକ ଅଂଶ। ଏହାର ଯେକୌଣସି ଅଂଶରେ ଅବହେଳା ହେଲେ ତାହାର ଭାର ଶେଷରେ ଗରିବ ପରିବାର ଉପରେ ପଡେ। ଏହି ସମସ୍ୟାର ଅନ୍ୟ ଏକ ଦିଗ ହେଉଛି ଖାଦ୍ୟ ଅପଚୟ। ଗୋଟିଏ ପଟେ ଲୋକେ ଖାଦ୍ୟ ପାଇଁ ସଂଘର୍ଷ କରୁଥିବାବେଳେ ଅନ୍ୟ ପଟେ ବିବାହ ଭୋଜି, ଉତ୍ସବ, ହୋଟେଲ, ବଜାର ଓ ଘରେ ଅନେକ ଖାଦ୍ୟ ନଷ୍ଟ ହେଉଥିବା ଦୃଶ୍ୟ ଆମକୁ ଅସ୍ୱସ୍ତିକର ପକାଏ। ଏଠାରେ ପ୍ରଶ୍ନ କେବଳ ଖାଦ୍ୟ ଫିଙ୍ଗିଦେବାର ନୁହେଁ, ଏହା ପଛରେ ରହିଛି ଚାଷୀଙ୍କ ଶ୍ରମ, ପାଣିର ବ୍ୟବହାର, ଜମିର ଉର୍ବରତା, ଶକ୍ତି, ପରିବହନ ଖର୍ଚ୍ଚ ଓ ଅର୍ଥନୈତିକ ସମ୍ପଦର ଅପଚୟ। ଗୋଟିଏ ଥାଳିରେ ନଷ୍ଟ ହେଉଥିବା ଭାତ ପଛରେ ଚାଷୀଙ୍କ ଅନେକ ଦିନର ପରିଶ୍ରମ ଥାଏ। ଗୋଟିଏ ବସ୍ତା ଧାନ ନଷ୍ଟ ହେବାର ଅର୍ଥ କେବଳ ଧାନ ହରାଇବା ନୁହେଁ, ତାହା ସହ ଜଳ, ଶ୍ରମ ଓ ଅର୍ଥର ମୂଲ୍ୟ ମଧ୍ୟ ହରାଇବା। ତେଣୁ ଖାଦ୍ୟ ଅପଚୟ ରୋକିବାକୁ ନୈତିକ ଦାୟିତ୍ୱ ସହିତ ଅର୍ଥନୈତିକ ଓ ପରିବେଶଗତ ଆବଶ୍ୟକତା ଭାବେ ଗ୍ରହଣ କରିବା ଉଚିତ। ବିବାହ ଓ ସାମାଜିକ ଉତ୍ସବରେ ଅତିଥିଙ୍କ ସଂଖ୍ୟା ଓ ଆବଶ୍ୟକତା ଅନୁଯାୟୀ ଖାଦ୍ୟ ପ୍ରସ୍ତୁତ କରିବା ଅବଶିଷ୍ଟ ସୁରକ୍ଷିତ ଖାଦ୍ୟକୁ ଉଚିତ ବ୍ୟବସ୍ଥାରେ ଆବଶ୍ୟକତା ଥିବା ଲୋକଙ୍କ ପାଖରେ ପହଂଚାଇବା, ଘରେ ଆବଶ୍ୟକ ପରିମାଣରେ ରାନ୍ଧିବା ଓ ଖାଦ୍ୟକୁ ଠିକ୍ ଭାବେ ସଂରକ୍ଷଣ କରିବା ଭଳି ଅଭ୍ୟାସ ଗଢିବା ଦରକାର। ତେବେ ଦାନ କରିବା ନାମରେ ଅସୁରକ୍ଷିତ, ଦୂଷିତ କିମ୍ବା ଦୀର୍ଘ ସମୟ ଧରି ଅସଠିକ୍ ଭାବେ ରଖାଯାଇଥିବା ଆବଶ୍ୟକ। ଖାଦ୍ୟ ସୁରକ୍ଷାର ତୃତୀୟ ମୁଖ୍ୟ ଦିଗ ହେଉଛି ନିରାପଦ ଖାଦ୍ୟ। ଖାଦ୍ୟ ମିଳିବା ଯେତିକି ଜରୁରୀ, ସେହି ଖାଦ୍ୟ ଶରୀର ପାଇଁ କ୍ଷତିକାରକ ନହେବା ମଧ୍ୟ ସେତିକି ଆବଶ୍ୟକ। ଭେଜାଲ ଦୁଗ୍ଧ, ନକଲି ମସଲା, ଅସୁରକ୍ଷିତ ତେଲ, ଅତ୍ୟଧିକ କୃତ୍ରିମ ରଙ୍ଗ, ଅପରିଷ୍କାର ପରିବେଶରେ ପ୍ରସ୍ତୁତ ଖାଦ୍ୟ ଓ ଅବଧି ଅତିକ୍ରମ କରିଥିବା ସାମଗ୍ରୀ ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ ବିପଦ ସୃଷ୍ଟି କରିପାରେ। ରାସ୍ତାକଡର ଖାଦ୍ୟ ବିକ୍ରେତା ହେଉନ୍ତୁ କି ବଡ ବ୍ୟବସାୟୀ, ଖାଦ୍ୟର ସ୍ୱଚ୍ଛତା ଓ ଗୁଣମାନ ପ୍ରତି ସମସ୍ତଙ୍କ ଦାୟିତ୍ୱ ଅଛି। ଛୋଟ ବ୍ୟବସାୟୀଙ୍କୁ କେବଳ ଦଣ୍ଡ ଦେବା ନୁହେଁ, ସ୍ୱଚ୍ଛତା ବିଷୟରେ ପ୍ରଶିକ୍ଷଣ, ପରିଷ୍କାର ଜଳର ସୁବିଧା, ଆବର୍ଜନା ପରିଚାଳନା ଓ ନିୟମ ପାଳନ ପାଇଁ ସହଯୋଗ ଦେବା ଦରକାର। ସେହି ସମୟରେ ଜାଣିଶୁଣି ଭେଜାଲ ଖାଦ୍ୟ ବିକ୍ରି କରୁଥିବା ଲୋକଙ୍କ ବିରୋଧରେ ଦୃଢ ଓ ନିୟମିତ କାର୍ଯ୍ୟାନୁଷ୍ଠାନ ହେବା ଉଚିତ। ଖାଦ୍ୟ ନିରୀକ୍ଷଣ କେବଳ ପର୍ବପର୍ବାଣୀ ପୂର୍ବରୁ ହଠାତ୍ ଚଢାଉରେ ସୀମିତ ନରହି, ସାରା ବର୍ଷ ଧରି ଚାଲିବା ଆବଶ୍ୟକ। ଖାଦ୍ୟ ନମୁନା ପରୀକ୍ଷା, ନିୟମିତ ଯାଂଚ, ଦୋଷୀଙ୍କ ବିରୋଧରେ ଦଣ୍ଡ ଓ ଉପଭୋକ୍ତାଙ୍କୁ ସଚେତନ କରିବା ଦ୍ୱାରା ନିରାପଦ ଖାଦ୍ୟ ବ୍ୟବସ୍ଥା ସୁଦୃଢ ହୋଇପାରିବ। ଖାଦ୍ୟର ଗୁଣମାନ ଯାଂଚ କରିବା ସହ ଖାଦ୍ୟର ମୂଲ୍ୟ ସାଧାରଣ ପରିବାରର କ୍ରୟକ୍ଷମତା ମଧ୍ୟରେ ରହିବା ଆବଶ୍ୟକ। ମୂଲ୍ୟବୃଦ୍ଧି ଯୋଗୁଁ ଯଦି ପରିବାରମାନେ ଡାଲି, ଫଳ, ପନିପରିବା ଓ ପୁଷ୍ଟିକର ଖାଦ୍ୟ କିଣିବା କମାଇଦିଅନ୍ତି, ତେବେ ଖାଦ୍ୟର ପରିମାଣ ରହିଲେ ମଧ୍ୟ ପୁଷ୍ଟିର ଅଭାବ ସୃଷ୍ଟି ହୋଇପାରେ। ଏଠାରେ ଓଡ଼ିଶାର ଚାଷୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଧାନ ସହ ଡାଲି, ତୈଳବୀଜ, ମିଲେଟ, ପନିପରିବା ଓ ଫଳ ଚାଷକୁ ପ୍ରୋତ୍ସାହନ ଦେବା ଦ୍ୱାରା ଖାଦ୍ୟର ବିବିଧତା ବଢିପାରିବ। ସ୍ଥାନୀୟ ଜଳବାୟୁ ଓ ମାଟି ଅନୁଯାୟୀ ଚାଷକୁ ଉତ୍ସାହିତ କରିବା, ଚାଷୀଙ୍କୁ ନ୍ୟାୟାସଙ୍ଗତ ମୂଲ୍ୟ ଦେବା, ସଂରକ୍ଷଣ ଓ ପ୍ରକ୍ରିୟାକରଣ ସୁବିଧା ବଢାଇବା ଏବଂ ଚାଷ ଉତ୍ପାଦକୁ ବଜାର ସହ ଯୋଡିବା ଆବଶ୍ୟକ। ଓଡ଼ିଶାର ପାରମ୍ପରିକ ଖାଦ୍ୟରେ ଥିବା ମାଣ୍ଡିଆ, ମୁଗ, ବିରି, ଶାଗ, ଶାକସବ୍ଜି ଓ ଅଂଚଳଭିତିକ ପୁଷ୍ଟିକର ଖାଦ୍ୟକୁ ନୂଆ ପିଢିର ଖାଦ୍ୟାଭ୍ୟାସରେ ଉଚିତ ସ୍ଥାନ ଦେବା ଉଚିତ। ଏହା କେବଳ ପରମ୍ପରାକୁ ରକ୍ଷା କରିବ ନୁହେଁ, ସ୍ଥାନୀୟ ଚାଷୀଙ୍କ ଆୟ ଓ ପରିବାରର ପୁଷ୍ଟିକୁ ମଧ୍ୟ ସହାୟତା କରିପାରିବ। ଆଗାମୀ ଓଡ଼ିଶାର ଖାଦ୍ୟ ସୁରକ୍ଷା ଜଳବାୟୁ ପରିବର୍ତ୍ତନର ଆହ୍ୱାନକୁ ମଧ୍ୟ ଧ୍ୟାନରେ ରଖିବା ଦରକାର। ବନ୍ୟା, ମରୁଡି, ଘୂର୍ଣ୍ଣିଝଡ, ଅତ୍ୟଧିକ ବର୍ଷା ଓ ଅନିୟମିତ ଋତୁଚକ୍ର ଫସଲକୁ କ୍ଷତି ପହଂଚାଇପାରେ। ତେଣୁ ଖାଦ୍ୟ ଗୋଦାମ, ଶୀତଳ ସଂରକ୍ଷଣ, ଗ୍ରାମୀଣ ସଡକ, ଜଳସେଚନ, ବିହନ ସୁରକ୍ଷା ଓ ବିପର୍ଯ୍ୟାୟ ସମୟରେ ତୁରନ୍ତ ଖାଦ୍ୟ ଯୋଗାଣ ବ୍ୟବସ୍ଥାକୁ ସୁଦୃଢ କରିବା ଦରକାର। ଏହା ସହ ଗ୍ରାମସ୍ତରରେ ଖାଦ୍ୟ, ଭଣ୍ଡାର, ସ୍ଥାନୀୟ ଉତ୍ପାଦନ ଓ ସମୁଦାୟର ସହଯୋଗ ବଢାଇଲେ ସଙ୍କଟ ସମୟରେ ପରିବାରମାନେ ଅଧିକ ସୁରକ୍ଷିତ ରହିପାରିବେ। ଖାଦ୍ୟ ସୁରକ୍ଷାର ଅଧିକାର କେବଳ ସରକାରଙ୍କ ଦାୟିତ୍ୱ ନୁହେଁ, ନାଗରିକଙ୍କ ମଧ୍ୟ ଦାୟିତ୍ୱ ଅଛି। ପରିବାର ଆବଶ୍ୟକତା ଅନୁଯାୟୀ ଖାଦ୍ୟ ରାନ୍ଧିବା, ଖାଦ୍ୟକୁ ସ୍ୱଚ୍ଛ ଭାବେ ରଖିବା, ଶିଶୁଙ୍କୁ ସନ୍ତୁଳିତ ଖାଦ୍ୟ ଦେବା, ଖାଦ୍ୟର ଗୁଣମାନ ନେଇ ସଚେତନ ରହିବା ଓ ଅପଚୟ ରୋକିବା ଆମ ଦୈନନ୍ଦିନ କର୍ତବ୍ୟ। ବିଦ୍ୟାଳୟରେ ପିଲାମାନଙ୍କୁ ଖାଦ୍ୟର ମୂଲ୍ୟ, ପୁଷ୍ଟି, ଓ ସ୍ୱଚ୍ଛତା ବିଷୟରେ ଶିକ୍ଷା ଦେବା ଦରକାର।

## ଓଡ଼ିଶା ଅର୍ବାନ ଏକାଡେମୀରେ ୧୧ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଭୁବନେଶ୍ୱର : ସାଧାରଣ ଲୋକଙ୍କ ସେବା, ବୈଷୟିକ ଦକ୍ଷତା ଓ ନୈତିକତାକୁ ପ୍ରଶାସନିକ କାର୍ଯ୍ୟଧାରାର ମୂଳ ଆଧାର କରି କାର୍ଯ୍ୟ କରିବାକୁ ଇଞ୍ଜିନିୟରମାନଙ୍କୁ ଆହ୍ୱାନ ଦିଆଯାଇଛି । ଭୁବନେଶ୍ୱରସ୍ଥିତ ଓଡ଼ିଶା ଅର୍ବାନ ଏକାଡେମୀ ପକ୍ଷରୁ ଆୟୋଜିତ ଜନସ୍ୱାସ୍ଥ୍ୟ ଅଭିଯାନ୍ତ୍ରିକୀ ବିଭାଗ (ପିଏଚଇଓ) କ୍ୟାଡରର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀମାନଙ୍କ ପାଇଁ ୧୧ ଦିନିଆ ଅଭିମୁଖୀକରଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଛି । ଉଦ୍‌ଯାପନୀ ଅଧିବେଶନରେ ଯୋଗଦେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ କହିଥିଲେ ଯେ, ରାଷ୍ଟ୍ର ନିର୍ମାଣ ତଥା ଜନସାଧାରଣଙ୍କୁ ଅତ୍ୟାବଶ୍ୟକ ଭିତିଭୂମି ଓ ସେବା ଯୋଗାଇଦେବାରେ ଇଞ୍ଜିନିୟରମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଜନସେବାର ତିନୋଟି ମୂଳ ସ୍ତମ୍ଭ—ସେବା, ଦକ୍ଷତା ଓ ନୈତିକତା—କୁ ନିଜ ବୃତିଗତ ଜୀବନର ମାର୍ଗଦର୍ଶକ ଭାବେ ଗ୍ରହଣ କରିବାକୁ ସେ ଇଞ୍ଜିନିୟରମାନଙ୍କୁ ପରାମର୍ଶ ଦେଇଥିଲେ । ଶ୍ରୀମତୀ ପାଢ଼ୀ ଇଞ୍ଜିନିୟରମାନଙ୍କୁ ବୃତିଗତ ସଚ୍ଚୋଟତା ବଜାୟ ରଖିବା, ବୈଷୟିକ ଜ୍ଞାନ ଓ ଦକ୍ଷତାକୁ ନିରନ୍ତର ବିକଶିତ କରିବା ସହ ଜନସାଧାରଣଙ୍କ ପ୍ରତି ଉତରଦାୟୀ ଓ ସମ୍ବେଦନଶୀଳ ହେବାକୁ ଆହ୍ୱାନ ଦେଇଥିଲେ । ବିଶେଷକରି ଜଳଯୋଗାଣ କ୍ଷେତ୍ରର ଗୁରୁତ୍ୱ ଉପରେ ଆଲୋକପାତ କରି ସମସ୍ତ ନାଗରିକଙ୍କୁ ସୁରକ୍ଷିତ, ନିର୍ଭରଯୋଗ୍ୟ ଓ ଉନ୍ନତ ମାନର ପାନୀୟ ଜଳ ଯୋଗାଇଦେବା ଦିଗରେ ନିଷ୍ଠାର ସହ କାର୍ଯ୍ୟ କରିବାକୁ କହିଥିଲେ । ବୈଷୟିକ ଉତ୍କର୍ଷ ସହ ନୈତିକ ନିଷ୍ପତି ଗ୍ରହଣ, ସ୍ୱଚ୍ଛତା ଓ ଜନସ୍ୱାର୍ଥ ପ୍ରତି ଦୃଢ଼ ପ୍ରତିବଦ୍ଧତା ରହିବା ଆବଶ୍ୟକ ବୋଲି ସେ ପରାମର୍ଶ ଦେଇଥିଲେ । ଏହି ୧୧ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀମାନଙ୍କ ବୈଷୟିକ ଜ୍ଞାନ, ପ୍ରଶାସନିକ ବୁଝାମଣା ଓ କାର୍ଯ୍ୟକ୍ଷମତାକୁ ସୁଦୃଢ଼ କରିବା, ଯାହାଦ୍ୱାରା ସେମାନେ ସହରାଂଚଳ ବିକାଶ ଓ ଜନସ୍ୱାସ୍ଥ୍ୟ ଅଭିଯାନ୍ତ୍ରିକୀ କ୍ଷେତ୍ରରେ ନିଜ ଦାୟିତ୍ୱ ଅଧିକ ଦକ୍ଷତାର ସହ ନିର୍ବାହ କରିପାରିବେ । ପ୍ରଶିକ୍ଷଣ ସମୟରେ ଓଡ଼ିଶା ଆର୍ଥିକ ନିୟମାବଳୀ , ସୂଚନା ଅଧିକାର ଆଇନ , ସାମଗ୍ରୀ ଓ ସେବା କ୍ରୟ, ଚୁକ୍ତି ପରିଚାଳନା ଏବଂ ପ୍ରଶାସନରେ ନୈତିକତା ଆଦି ବିଷୟରେ ବୈଷୟିକ ଓ ବିଷୟଭିତିକ ଅଧିବେଶନ ଆୟୋଜିତ ହୋଇଥିଲା । ଏହି ଅଧିବେଶନଗୁଡ଼ିକ ମାଧ୍ୟମରେ ଆର୍ଥିକ ଓ ପ୍ରଶାସନିକ ପ୍ରକ୍ରିୟା, ସ୍ୱଚ୍ଛତା, ଉତରଦାୟିତ୍ୱ, ସାର୍ବଜନୀନ କ୍ରୟ ବ୍ୟବସ୍ଥା ଏବଂ ଚୁକ୍ତି କାର୍ଯ୍ୟକାରିତା ସମ୍ପର୍କରେ ଅଧିକ ସ୍ପଷ୍ଟ ଧାରଣା ଦେବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଉଦ୍‌ଯାପନୀ ଅଧିବେଶନରେ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଶ୍ରୀ ଦିଲୀପ କୁମାର ରାଉତରାୟ, ଓଡ଼ିଶା ଅର୍ବାନ ଏକାଡେମୀର ନିର୍ଦ୍ଦେଶକ ଶ୍ରୀ ସୁଭେନ୍ଦୁ କୁମାର ସାହୁ, ଜନସ୍ୱାସ୍ଥ୍ୟ ଅଭିଯାନ୍ତ୍ରିକୀ ସଂଗଠନର ଇଞ୍ଜିନିୟର-ଇନ୍-ଚିଫ୍ ଶ୍ରୀ ବିଳାସ କୁମାର ବେହେରା, ଦକ୍ଷତା ବିକାଶ ପରାମର୍ଶଦାତା ଡକ୍ଟର ଏସ୍. ପେପିନ୍ ଏବଂ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମୋଟ ୫୬ ଜଣ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଯୋଗଦେଇଥିଲେ।

## ୨୦କ ପଣିକିଆରେ ବୃଦ୍ଧାଶ୍ରମ ଭିଡ଼ିଓ ଉନ୍ମୋଚନ କଲେ ଆଇନ ମନ୍ତ୍ରୀ

ଭୁବନେଶ୍ୱର: ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶୁକ୍ରବାର '୨୦କ ପଣିକିଆରେ ବୃଦ୍ଧାଶ୍ରମ' ଶୀର୍ଷକ ଏକ ସଚେତନତାଧର୍ମୀ ଭିଡ଼ିଓ ଉନ୍ମୋଚନ କରିଛନ୍ତି । ପଣିକିଆ ମାଧ୍ୟମରେ ସମାଜକୁ ବରିଷ୍ଠ ନାଗରିକମାନଙ୍କ ପ୍ରତି ସମ୍ମାନ, ସ୍ନେହ ଓ ଯତ୍ନ ସହିତ ପିଲାମାନଙ୍କ କର୍ତବ୍ୟବୋଧର ବାର୍ତା ଦେବାର ପ୍ରୟାସ ପ୍ରଶଂସନୀୟ ଓ ପିଏମ୍‌ଶ୍ରୀ ରାଧାମୋହନ ଜିଉ ନୋଡାଲ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ରୀ ଶୃତି ସୁଲଗ୍ନା ଓ ଷଷ୍ଠ ଶ୍ରେଣୀର ଛାତ୍ରୀ ପ୍ରୀତିସୁଲଗ୍ନାଙ୍କ ଏହି ଭିଡ଼ିଓ ବୟୋଜ୍ୟେଷ୍ଠମାନଙ୍କ ପ୍ରତି ଆମ ଦାୟିତ୍ୱବୋଧରର ଏକ ବୃହତ ଉଦାହରଣ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି।

Printed, Published, Edited and Owned by Prakash Kumar Dhal, Printed at Das Offset Printers, Uditnagar, Main Road, Rourkela, Dist. Sundargarh, orissa -769012 & Published at QR.No. ECR-73, Chhend Colony, Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525, Email: utkalsamachar@gmail.com / utkalsamachar@rediffmail.com ( ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନୁଯାୟୀ ଉତ୍ତରଦାୟୀ, ସମସ୍ତ ବିବାଦ ରାଉରକେଲା ନ୍ୟାୟାଳୟ ଅଧୀନରେ ହିଁ ହେବ ) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003







# ଦଲେଇପଡ଼ା ରାବଣ ପୋଡ଼ି ମହୋତ୍ସବ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ଓ ୬୦ ଫୁଟର ରାବଣ ପୋଡ଼ି

## ବଜେଟ୍ ୧୨ ଲକ୍ଷ ଟଙ୍କା; ରିଙ୍ଗ୍‌ରୋଡ୍‌ରେ ହେବ ଭବ୍ୟ ଆୟୋଜନ




ସମ୍ବଲପୁର,୧୭/୧୦(ନି/ପ୍ର):ଦଲେଇପଡ଼ା ରାବଣ ପୋଡ଼ି ମହୋତ୍ସବ କମିଟି, ସମ୍ବଲପୁର ପକ୍ଷରୁ ଚଳିତ ବର୍ଷର ରାବଣ ପୋଡ଼ି ମହୋତ୍ସବ ଆୟୋଜନ ନେଇ ଫାର୍ମରୋଡ୍‌ସ୍ଥିତ ହୋଟେଲ ରିଜେଟାସ ଇନ୍‌ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହୋତ୍ସବର ବିଭିନ୍ନ କାର୍ଯ୍ୟକ୍ରମ, ସୁରକ୍ଷା ବ୍ୟବସ୍ଥା, ଟ୍ରାଫିକ୍ ନିୟନ୍ତ୍ରଣ ଓ ଅନ୍ୟାନ୍ୟ ପ୍ରସ୍ତୁତି ସମ୍ପର୍କରେ କମିଟି ପକ୍ଷରୁ ସୂଚନା ଦିଆଯାଇଛି। କମିଟିର ସଭାପତି ସିଦ୍ଧାର୍ଥ ସାହାଙ୍କ ସମେତ ଅନୁପ କୁମାର ତରିଆ, ଅରୁଣ ପଟୁଆରୀ, ସତ୍ୟନାରାୟଣ ବେରିହା, ରାଜୀବ ରତନ ସାହୁ ଓ ଇନ୍ଦ୍ରଜିତ ଦଣ୍ଡସେନା ପ୍ରମୁଖ ଉପସ୍ଥିତ ରହି ମହୋତ୍ସବ ସମ୍ପର୍କରେ ତଥ୍ୟ ରଖିଥିଲେ। ଚଳିତ ବର୍ଷ ମହୋତ୍ସବର ମୁଖ୍ୟ ଆକର୍ଷଣ ହେବ ୬୦ ଫୁଟ ଉଚ୍ଚତାର ରାବଣ ପ୍ରତିକୃତି। ଏହାକୁ ରିଙ୍ଗ୍‌ରୋଡସ୍ଥିତ ନିର୍ଦ୍ଧାରିତ ସ୍ଥାନରେ ପୋଡ଼ାଯିବ। ରାବଣ ପୋଡ଼ି ସମୟରେ ଗ୍ରୀନ୍ ଫାୟାର ଟ୍ରାଗ୍ ଏବଂ ଆତସବାଜି ପ୍ରଦର୍ଶନ ଦର୍ଶକଙ୍କ ପାଇଁ ଅନ୍ୟତମ ଆକର୍ଷଣ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି। ଦୀର୍ଘ ୨୩ ବର୍ଷ ଧରି ଏହି ମହୋତ୍ସବ ପାଳନ କରାଯାଉଥିବାରୁ ଏହା ସମ୍ବଲପୁରର ଏକ ପ୍ରମୁଖ ଉତ୍ସବ ଭାବେ ପରିଚିତ ହୋଇଛି। ମହୋତ୍ସବ ଅବସରରେ ଭଗବାନ ଶ୍ରୀରାମ ଓ ଲକ୍ଷ୍ମଣଙ୍କ ଶୋଭାଯାତ୍ରା ମ୍ୟୁନିସିପାଲିଟି ଛକରୁ ବାହାରି ସାନସଡ଼କ ଓ ବାଲିବନ୍ଧା ଦେଇ ରିଙ୍ଗ୍‌ରୋଡ୍‌ସ୍ଥିତ ଉତ୍ସବସ୍ଥଳରେ ପହଞ୍ଚିବ। ଶୋଭାଯାତ୍ରାରେ ପାରମ୍ପରିକ ଦୁଲଦୁଲି ବାଦ୍ୟ ସହ ଡିଜେ ଓ ଅନ୍ୟାନ୍ୟ ସାଂସ୍କୃତିକ ଆକର୍ଷଣ ସ୍ଥାନ ପାଇବ। ଏହି ଉତ୍ସବରେ ଓଡ଼ିଶା ସରକାରଙ୍କ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ସମ୍ବଲପୁର ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ ଏବଂ ପୂର୍ବତନ ପୌରାଧ୍ୟକ୍ଷ ଗିରିଶ ପଟେଲ ପ୍ରମୁଖ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ମହୋତ୍ସବ ପାଇଁ ପ୍ରାୟ ୧୨ ଲକ୍ଷ ଟଙ୍କାର ବଜେଟ୍ ରଖାଯାଇଛି। ଦର୍ଶକଙ୍କ ସୁବିଧା ଓ ସୁରକ୍ଷାକୁ ଗୁରୁତ୍ୱ ଦେଇ ଉତ୍ସବସ୍ଥଳରେ ବ୍ୟାରିକେଡିଂ ବ୍ୟବସ୍ଥା କରାଯିବ। ରାବଣ ପୋଡ଼ି ସମୟରେ ନଦୀ ଆଡ଼କୁ ଯିବାକୁ ଲୋକଙ୍କୁ ବାରଣ କରାଯିବ। ଏଥିସହ ଭିଡ଼ ନିୟନ୍ତ୍ରଣ ଓ ଯାନବାହନ ଚଳାଚଳ ସୁଚାରୁ ରଖିବା ପାଇଁ ଟ୍ରାଫିକ୍ ବ୍ୟବସ୍ଥା କରାଯାଇଛି। ଅନ୍ୟପକ୍ଷରେ, ଦଲେଇପଡ଼ା ଦୁର୍ଗାପୂଜାର ପ୍ରାୟ ୧୫୦ ବର୍ଷର ପରମ୍ପରା ଏହି ଅଞ୍ଚଳର ଐତିହ୍ୟ ଓ ସାଂସ୍କୃତିକ ଗୌରବକୁ ପ୍ରତିଫଳିତ କରୁଛି। ମହୋତ୍ସବକୁ ଶାନ୍ତିପୂର୍ଣ୍ଣ ଓ ସଫଳ କରିବା ପାଇଁ କମିଟି ପକ୍ଷରୁ ଜନସାଧାରଣଙ୍କ ସହଯୋଗ କାମନା କରାଯାଇଛି।

# ସ୍ୱର୍ଗତ ଅଜିତ ଦାଶଙ୍କ ଉଦ୍ଦେଶ୍ୟରେ ଓଷ୍ଟା ତରଫରୁ ଶ୍ରଦ୍ଧାଞ୍ଜଳି



ସମ୍ବଲପୁର,୧୭/୧୦(ନି/ପ୍ର): ଜାତୀୟ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସ୍ୱର୍ଗତ ଅଜିତ କୁମାର ଦାଶଙ୍କ ଦେହାବସାନ ପରିପ୍ରେକ୍ଷୀରେ ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟ, ବୁଢ଼ାରଜା ଠାରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା), ସମ୍ବଲପୁର ଜିଲ୍ଲା ତରଫରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। ଜିଲ୍ଲା ସଭାପତି କ୍ଷିରୋଦ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ସମ୍ବଲପୁର ଜିଲ୍ଲାର ୯ ଟି ବ୍ଲକର କର୍ମକର୍ତ୍ତାଙ୍କ ସମାଗମ ହୋଇଥିଲା। ଏହି ସଭାରେ ଓଷ୍ଟାର ପ୍ରାକ୍ତନ ଉପସଭାପତି ରାଜେନ୍ଦ୍ର କୁମାର ପଣ୍ଡା, ସମ୍ବଲପୁର ଜିଲ୍ଲାର ପ୍ରାକ୍ତନ ଜିଲ୍ଲା ସଂପାଦକ ହରି ନାରାୟଣ ପଣ୍ଡା,ପ୍ରାକ୍ତନ ଜିଲ୍ଲା ସଭାପତି ଗଗନ ବିହାରୀ ସ୍ୱାଇଁ ପ୍ରମୁଖ ମଚାଂସୀନ ଥିଲେ ଏବଂ ସ୍ୱର୍ଗତ ଅଜିତ କୁମାର ଦାଶଙ୍କ ଉତ୍ସର୍ଗୀକୃତ ଶିକ୍ଷକ ଭାବରେ ଏବଂ ଜଣେ ଶିକ୍ଷକ ନେତା ଭାବରେ ତାଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ଓଷ୍ଟା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କେଶବ ଚନ୍ଦ୍ର ନାୟକ,ଜିଲ୍ଲା ସଂପାଦକ ବିଭୂତି ଭୂଷଣ ଚାନ୍ଦ, ଉପସଭାପତି ପ୍ରେମାନନ୍ଦ ଖମାରୀ, ଯୁଗ୍ମ ସମ୍ପାଦକ ବିଶ୍ୱାମିତ୍ର ଦୀପ୍ ଆଦି ସ୍ମୃତିଚାରଣ କରିଥିଲେ। ସଭାପରିଚାଳନାରେ ଯୁଗ୍ମ ସମ୍ପାଦକ ଆନନ୍ଦ ତନସନା,ବ୍ଲକ ସଂପାଦକ ବିଦ୍ୟାଧର ନାୟକ, ଘନଶ୍ୟାମ ବଢ଼େଇ ସହଯୋଗ କରିଥିଲେ। ଶୁକ୍ରବାର ପୂର୍ବାହ୍ନ ଦଶ ଘଟିକା ସମୟରେ ସମ୍ବଲପୁର ରାଜଘାଟ ଠାରେ ସ୍ୱର୍ଗତ ଦାଶଙ୍କ ଦାହ ସଂସ୍କାର କରାଯାଇଥିଲା। ତାଙ୍କର ଏକମାତ୍ର ପୁଅ ଡାକ୍ତର ଦେବବ୍ରତ ଦାଶ ମୁଖାଗ୍ନି ଦେଇଥିଲେ। ଓଷ୍ଟା ରାଜ୍ୟ ସଂଗଠନ ପକ୍ଷରୁ ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶଙ୍କ ସମେତ କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ଯୁଗ୍ମସାଧାରଣ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ, କୋଷାଧକ୍ଷ ଅଶୋକ କୁମାର ମହାପାତ୍ର, ସମ୍ପାଦକ ରମାକାନ୍ତ ମହାପାତ୍ର, ସହସମ୍ପାଦକ ଆଶୁତୋଷ ରଥ, ପ୍ରାକ୍ତନ ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି, ବରଗଡ଼ ଜିଲ୍ଲା ସମ୍ପାଦକ ସଞ୍ଜୟ ସିଂହ, ନୂଆପଡା ଜିଲ୍ଲା ସମ୍ପାଦକ ରବୀନ୍ଦ୍ର ଯୋଶୀ ଏବଂ ସମ୍ବଲପୁର ଜିଲ୍ଲାର ଅଧିକାଂଶ ବର୍ତ୍ତମାନ ଓ ପ୍ରାକ୍ତନ ନେତୃତ୍ୱ ଯୋଗଦେଇ ଶବାଧାରରେ ପୁଷ୍ପାଞ୍ଜଳି ଅର୍ପଣ କରିଛନ୍ତି ।

# କୁଚିଣ୍ଡାରେ ଉପଖଣ୍ଡସ୍ତରୀୟ ବରିଷ୍ଠ ନାଗରିକ ଦିବସ ପାଳିତ

ସମ୍ବଲପୁର,୧୭/୧୦(ନି/ପ୍ର): ସମ୍ବଲପୁର ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏବଂ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୁଚିଣ୍ଡା ପକ୍ଷରୁ କୁଚିଣ୍ଡାସ୍ଥିତ ବହୁମୁଖୀ କଲ୍ୟାଣ ମଣ୍ଡପଠାରେ ଉପଖଣ୍ଡସ୍ତରୀୟ ବରିଷ୍ଠ ନାଗରିକ ଦିବସ ଆୟୋଜିତ ହୋଇଯାଇଛି। ଏହି ଗୋକୁଳଚନ୍ଦ୍ର ଦାନୀ, ଚର୍ମରୋଗ ବିଶେଷଜ୍ଞ ଡାକ୍ତର ସତ୍ୟପ୍ରକାଶ ମିଶ୍ର, ଚକ୍ଷୁ ବିଶେଷଜ୍ଞ ଡାକ୍ତର ରତୁରାଜ ସାହୁ ଏବଂ ସାମାଜିକ ସୁରକ୍ଷା ଅଧିକାରୀ ଜାହ୍ନବୀ ମହାନ୍ତ ଉପସ୍ଥିତ ଥିଲେ। ଦିବସ ପାଳନ ଅବସରରେ ସକାଳ ୭ଟାରେ ଯୋଗାଭ୍ୟାସ କାର୍ଯ୍ୟକ୍ରମ ଆୟୋଜନ



କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ତଥା ପଚାୟତିରାଜ ମନ୍ତ୍ରୀଙ୍କ ପ୍ରତିନିଧି ବିଭୂତି କଲ୍ୟାଣ ପଟେଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟ ମଚାଂସୀନ ଅତିଥିମାନଙ୍କ ମଧ୍ୟରେ କୁଚିଣ୍ଡା ବ୍ଲକ ଅଧକ୍ଷ ଭୁବନେଶ୍ୱର କିଷାନ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଆଲୋକ ପଟେଲ, କୁଚିଣ୍ଡା ସହକାରୀ ଜିଲ୍ଲାପାଳ ରମେଶ ସାହୁ, କୁଚିଣ୍ଡା ବରିଷ୍ଠ ନାଗରିକ ସଂଘର ସଭାପତି ଧୀରେନ୍ଦ୍ର କୁମାର ମହାନ୍ତି, ବାମରାର ଯୋଗବିହାରୀ ପରିଡ଼ା, ଜମନକିରାର କରାଯାଇଥିଲା। ଏହାପରେ ପରିବେଶ ସୁରକ୍ଷା ଓ ମାତୃତ୍ୱ ପ୍ରତି ସମ୍ମାନର ବାର୍ତ୍ତା ନେଇ 'ଏକ ପେଡ୍ ମା କେ ନାମ୍' ଅଭିଯାନ ଅନ୍ତର୍ଗତ ବୃକ୍ଷରୋପଣ କରାଯାଇଥିଲା। ପରେ ବରିଷ୍ଠ ନାଗରିକମାନଙ୍କ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା। ଏହି ଅବସରରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ସାମାଜିକ ସୁରକ୍ଷା ଅଧିକାରୀ ବରିଷ୍ଠ ନାଗରିକମାନଙ୍କ ପାଇଁ ଉପଲବ୍ଧ ବିଭିନ୍ନ ସରକାରୀ ଯୋଜନା ଓ ସୁବିଧା ସମ୍ପର୍କରେ ଅବଗତ କରାଇଥିଲେ।

# ଜ୍ୟୋତି ବିହାରରେ 'ଆନ୍ତର୍ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ' ପାଳିତ




ସମ୍ବଲପୁର,୧୭/୧୦(ନି/ପ୍ର): ସମ୍ବଲପୁର ଜିଲ୍ଲା ବୁର୍ଲା ଜ୍ୟୋତି ବିହାର ରେ ଗତ ମଙ୍ଗଳବାର ବୁର୍ଲା ଜ୍ୟୋତି ବିହାରର ବିଜୁ ପଟ୍ଟନାୟକ ଅଡ଼ିଟୋରିୟମ ରେ ବନ୍ଦେ ମାତ୍ରମ କ୍ୟାମ୍ପ ରେ ଆନ୍ତର୍ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ ହୋଇଯାଇଛି। ଏଇ କାର୍ଯ୍ୟକ୍ରମ ମାଇଁ ଭାରତ ସମ୍ବଲପୁର ଆନୁକୂଲ୍ୟରେ 'ବିପର୍ଯ୍ୟୟ ହ୍ରାସ ପାଇଁ ଆନ୍ତର୍ଜାତୀୟ ଦିବସ' ପାଳନ ହୋଇଛି।ଏହି ଅବସରରେ ମୁଖ୍ୟ ଅତିଥିଭାବେ ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ ର ନବ କୃଷ୍ଣ ପ୍ରଧାନ, ଦେବଗଡ଼ ପ୍ରଦୀପ ବିଶ୍ୱାଳ, ବୌଧ ଜିଲ୍ଲା ପ୍ରଗୀୟା, ସୋନପୁର ଜିଲ୍ଲା ପ୍ରଭାକର ସା ଯୋଗଦେଇଥିବା ବେଳେ ସମ୍ବଲପୁର ଯୁଥ ଅଫିସର ପ୍ରସନ୍ନ ମେହେର ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ଏହି ସଭାକୁ ସୋମ ସ୍ୱେଚ୍ଛାସେବି ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମ ଅବସରରେ ବିପର୍ଯ୍ୟୟ ହ୍ରାସ ପାଇଁ ଆନ୍ତର୍ଜାତୀୟ ଦିବସ କେତେ ଆବଶ୍ୟକ ସେ ବିଷୟରେ ଆଲୋଚନା ହୋଇଥିଲା।କାର୍ଯ୍ୟକ୍ରମ ରେ ସମ୍ବଲପୁର ସହିତ ୬ଗୋଟି ରାଜ୍ୟ ର ଜାତୀୟ ସ୍ୱେଚ୍ଛାସେବୀ ସଂଗଠନ ଯୋଗ ଦେଇଥିଲେ ଯଥା ମିଜୋରାମ, ଛତିଶଗଡ଼, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, ପର୍ଶ୍ଚିମବଙ୍ଗରୁ ଆସିଥିବା ସ୍ୱେଚ୍ଛାସେବୀ ଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ପ୍ରକୃତି ବିପର୍ଯ୍ୟୟ ଯଥା ବନ୍ୟା, ବାତ୍ୟା, ଭୂକମ୍ପ, ଅଗ୍ନିକାଣ୍ଡ ଆଦି ବିପର୍ଯ୍ୟୟ ସମୟରେ ଆତ୍ମରକ୍ଷା, ସୁରକ୍ଷା ଅବଲମ୍ବନ ଓ ପୂର୍ବ ପ୍ରସ୍ତୁତି ସମ୍ପର୍କରେ ସଚେତନ ଶ୍ରୀ ପ୍ରଧାନ ଓ ତାଙ୍କ ଟିମ ପ୍ରତକ୍ଷ ଭାବରେ ପ୍ରଶିକ୍ଷଣ ଦେଇଥିଲେ ଓ ବିପର୍ଯ୍ୟୟ ପରିଚାଳନାରେ ସତର୍କତା ଓ ସାମୂହିକ ସହଯୋଗର ଗୁରୁତ୍ୱ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ସମ୍ବଲପୁର ର ସ୍ୱେଚ୍ଛାସେବୀ ଶିବ ବେହେରା, ପ୍ରଗୀୟ, ଆୟୁଷ,ବିଭୁତି ପୃସେଠ ସୌମିତ୍ରୀ ପୃସେଠ,ଉର୍ବଶୀ ଜଗଦଲା, ଲିସା ସୁନା, ମନ୍ଦାକିନୀ ମେହେର, ଅମିଷା ଧର, ରାଜନ ରାୟ, ମସୁଦ ଆଲାମ, ପ୍ରକୃତି ବନ୍ଧୁ ସରୋଜ ମେହେର, ରୋଶନ, ରୋଶନ ପୃସେଠ ପ୍ରମୁଖ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ।

# ଜମନକିରାରେ ବେଆଇନ ମଦ କାରବାର ଅଭିଯୋଗ

## ଗାଁରେ ଦେଶୀ ମଦ ବିକ୍ରି ନେଇ ଅସନ୍ତୋଷ, ଯାଞ୍ଚ ଦାବି କଲେ ଗ୍ରାମବାସୀ



ସମ୍ବଲପୁର,୧୭/୧୦(ନି/ପ୍ର): ପାର୍ବଣ ଋତୁରେ ଜମନକିରା ବ୍ଲକର ବିଭିନ୍ନ ଗ୍ରାମରେ ଦେଶୀ ମଦ ବିକ୍ରି ହେଉଥିବା ନେଇ ଅଭିଯୋଗ ଉଠିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ବେଆଇନ ମଦ କାରବାର ଉପରେ ରୋକ୍ ଲଗାଇବାକୁ ଅବକାରୀ ବିଭାଗ ନିକଟରେ ଦାବି ହୋଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଟିକିବା, ଷଣ୍ଢପଥର, ଟିକିଲିପଡ଼ା, ବାରହାମୁଣ୍ଡି, କୁଆଗୁଲା, ଖଇରଡ଼ିହି, ପାଟବନ୍ଧା, ଦଶଘରିଆ, ଅର୍ଡ୍ଡାପାଲ, ହନୁମାନପଡ଼ା ଓ ଦୋରୋବାହାଲ ସମେତ ବିଭିନ୍ନ ଗ୍ରାମରେ ଦେଶୀ ମଦ ବିକ୍ରି ହେଉଛି। ଜମନକିରା ସଦର ମହକୁମାରେ ଥିବା ଦେଶୀ ମଦ ଭାଟିରୁ କେତେକ ଖୁଚୁରା ବ୍ୟବସାୟୀ ମଦ ନେଇ ଗ୍ରାମାଞ୍ଚଳରେ ବିକ୍ରି କରୁଥିବା ମଧ୍ୟ ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ମଦ ବିକ୍ରି ଯୋଗୁଁ କେତେକ ସ୍ଥାନରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବାର ଆଶଙ୍କା ରହିଛି। ଗ୍ରାମାଞ୍ଚଳରେ ମଦ ବିକ୍ରି ବନ୍ଦ କରିବାକୁ ପୂର୍ବରୁ ବିଭିନ୍ନ ସମୟରେ ଦାବି ହୋଇଆସୁଥିଲେ ମଧ ସମସ୍ୟାର ସ୍ଥାୟୀ ସମାଧାନ ହୋଇନଥିବା ଲୋକେ ଅଭିଯୋଗ କରିଛନ୍ତି। ପାର୍ବଣ ସମୟରେ ଅବକାରୀ ବିଭାଗ ପକ୍ଷରୁ ଅଧିକ ନଜର ରଖିବା ସହ ଅଭିଯୋଗ ହୋଇଥିବା ଗ୍ରାମଗୁଡ଼ିକରେ ଯାଂଚ ଓ ଚଢ଼ାଉ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏଥିସହ ବେଆଇନ ଭାବେ ମଦ ବିକ୍ରି କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ ପଦକ୍ଷେପ ନେବାକୁ ସେମାନେ ଦାବି ଜଣାଇଛନ୍ତି। ଏ ସମ୍ପର୍କରେ କୁଚିଣ୍ଡା ଅବକାରୀ ବିଭାଗର ଅଧିକାରୀ ଦେବରାଜ ଖମାରୀ କହିଛନ୍ତି ଯେ, ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ପାଟ୍ରୋଲିଂ ବଢ଼ାଯାଇଛି। ବେଆଇନ ମଦ କାରବାର ଉପରେ ବିଭାଗର ନଜର ରହିଛି। ଅଭିଯୋଗ ହୋଇଥିବା ଗ୍ରାମଗୁଡ଼ିକରେ ଯାଂଚ କରି ଆବଶ୍ୟକ ପଦକ୍ଷେପ ନିଆଗଲେ ଏହି ସମସ୍ୟାର ସମାଧାନ ହୋଇପାରିବ ବୋଲି ଗ୍ରାମବାସୀ ଆଶା ପ୍ରକାଶ କରିଛନ୍ତି ।

# ଝାରସୁଗୁଡ଼ାରେ ଜିଲ୍ଲାସ୍ତରୀୟ ଆମ କଳାକାର ଚୟନ ପ୍ରକ୍ରିୟାର ପଞ୍ଚମ ଦିବସ

ଝାରସୁଗୁଡ଼ା,୧୭/୧୦(ନି/ପ୍ର): ଜିଲ୍ଲା ପ୍ରଶାସନ, ଝାରସୁଗୁଡ଼ା ଏବଂ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ସାଂସ୍କୃତିକ ଦଳ ପରିଚାଳନା ପ୍ରଣାଳୀ ଅନ୍ତର୍ଗତ ଆୟୋଜିତ ଜିଲ୍ଲାସ୍ତରୀୟ 'ଆମ କଳାକାର' ଚୟନ ପ୍ରକ୍ରିୟାର ପଞ୍ଚମ ଦିବସର କାର୍ଯ୍ୟକ୍ରମ ଆଜି ସକାଳ ୯ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଝାରସୁଗୁଡ଼ାସ୍ଥିତ ଜିଲ୍ଲା ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଆଜିର କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ତଥା ମୁଖ୍ୟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା ଯୋଗଦେଇଥିଲେ। ସେ ନିଜ ଅଭିଭାଷଣରେ କହିଥିଲେ ଯେ, ଏହି କାର୍ଯ୍ୟକ୍ରମ କଳାକାରମାନଙ୍କ ପାଇଁ ଏକ ସୁନ୍ଦର ମଂଚ, ଯେଉଁଠାରେ ସେମାନେ ନିଜର କଳାତ୍ମକ ପ୍ରତିଭା ପ୍ରଦର୍ଶନ କରିପାରିବେ। ଏହା ସରକାରଙ୍କ ଏକ ସୁନ୍ଦର ପ୍ରୟାସ ବୋଲି ମତବ୍ୟକ୍ତ କରିବା ସହ ଏହି ଚୟନ ପ୍ରକ୍ରିୟା ଜରିଆରେ ଜିଲ୍ଲାର କଳା ଓ ସଂସ୍କୃତିର ସଂରକ୍ଷଣ, ପ୍ରସାର ଏବଂ କଳାକାରମାନଙ୍କ ପ୍ରତିଭାକୁ ଉପଯୁକ୍ତ ମଂଚ ପ୍ରଦାନ ଦିଗରେ ନିଶ୍ଚିତ ଭାବେ ସହାୟକ ହେବ ବୋଲି ସେ ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟା ଶିବପ୍ରିୟା ମିଶ୍ର ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଦସ୍ୟ ଡ. ସୁବାଷ ଚନ୍ଦ୍ର ପ୍ରଧାନ ଯୋଗଦେଇଥିଲେ। ବିଚାରକ ଭାବେ ଇନ୍ଦ୍ରମଣି ପ୍ରଧାନ, ରମେଶ ସୁନା ଏବଂ ସୁରଙ୍ଗ ପଧାନ ବିଚାରକ ଦାୟିତ୍ୱ ତୁଲାଇଥିବାବେଳେ ପର୍ଯ୍ୟବେକ୍ଷକ ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସହ-ନିର୍ଦ୍ଦେଶକ ଅନିଲ କେର୍କେଟା ଯୋଗଦେଇଥିଲେ। ସମସ୍ତ ଅତିଥିଙ୍କୁ ଉତରୀୟ ଓ ପୁଷ୍ପତାରା ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସାମୂହିକ ବନ୍ଦେ ମାତରମ୍ ଗାନ ପରେ 'ଆମ କଳାକାର' ଚୟନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପଞ୍ଚମ ଦିବସରେ ମୋଟ ୨୩ଟି ସାଂସ୍କୃତିକ ଦଳର ପ୍ରାୟ ୬୦୦ କଳାକାର ଅଂଶଗ୍ରହଣ କରିଥିଲେ। ସେମାନେ ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, କରମା ନୃତ୍ୟ, କିସାନ ନୃତ୍ୟ, ଆଦିବାସୀ ନୃତ୍ୟ, ସମ୍ପ୍ରଦା ଆଦି ବିଭାଗରେ ନିଜ ନିଜର କଳାନୈପୁଣ୍ୟ ଓ ସାଂସ୍କୃତିକ ପ୍ରତିଭା ପ୍ରଦର୍ଶନ କରିଥିଲେ। ୮୦ ବର୍ଷ ବୟସ୍କ ବରିଷ୍ଠ କଳାକାର, ସଙ୍ଗୀତଜ୍ଞ ତଥା ବିଚାରକ ଶ୍ରୀ ରମେଶ ସୁନାଙ୍କ ସଙ୍ଗୀତ ଓ ନୃତ୍ୟରେ ଉପସ୍ଥିତ କଳାକାରମାନେ ଆନନ୍ଦରେ ଝୁମି ଉଠିଥିଲେ। ଆଜି କଳାକାରମାନଙ୍କ ସମ୍ବଲପୁରୀ ଲାଇଭ୍, ସମ୍ବଲପୁରୀ ରେକର୍ଡ, ପାଲା, ନଚନିଆ, ଘୁଡ଼କା, ଦୁଲଦୁଲି, କିସାନ ନୃତ୍ୟ, ପରମା ନୃତ୍ୟ, କରମସାନି ଓ ଓଡ଼ିଶୀ ନୃତ୍ୟ ଆଦି ବିଭାଗରେ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ରିତାକାନ୍ତି ବଳିୟାରସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚୟନ ପ୍ରକ୍ରିୟା ସୁଚାରୁରୂପେ ପରିଚାଳିତ ହୋଇଥିଲା।

# କୋଲାବିରା କଲେଜ : ତେଜନ ସୋହେଲା ସଭାପତି, ହରେଶ କିସାନ ସାଧାରଣ ସମ୍ପାଦକ, ଶାନ୍ତି ଶୃଙ୍ଖଳା ସହ କୋଲାବିରା କଲେଜରେ ଛାତ୍ର ସଂସଦ ଗଠିତ

ଝାରସୁଗୁଡ଼ା, ୧୭/୧୦(ନି/ପ୍ର):ଝାରସୁଗୁଡ଼ା ଜିଲ୍ଲା କୋଲାବିରା ପଂଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟ ରେ ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ଚୟନ ମାଧ୍ୟମରେ ଶାନ୍ତିଶୃଙ୍ଖଳା ସହ ନୂତନ ଛାତ୍ର ସଂସଦ ଗଠିତ ହୋଇଯାଇଛି । ସଭାପତି ପାଇଁ ଦୁଇ ଜଣ ପ୍ରାର୍ଥୀ ଓ ଉପସଭାପତି ପାଇଁ ୩ ଜଣ ପ୍ରାର୍ଥୀ ରହିଥିବା ବେଳେ କଲେଜ ପକ୍ଷରୁ ଦସ୍ତଖତ ମାଧ୍ୟମରେ ମତ ସଂଗ୍ରହ କରାଯାଇଥିଲା । ଚଳିତ ବର୍ଷ ଯୁକ୍ତ ତିନି ର ୫ମ ସେମିଷ୍ଟାର ଛାତ୍ର ତେଜନ ସୋହେଲା ସଭାପତି ଓ ହରେଶ କିସାନ ସାଧାରଣ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି । ସୂଚନା ଅନୁଯାୟୀ କଲେଜ ପକ୍ଷରୁ ଚୟନ ପ୍ରକ୍ରିୟା ମାଧ୍ୟମରେ ଛାତ୍ର ନେତା ବାଛିବା ପାଇଁ ସ୍ଥିର ହୋଇଥିଲା । ତେବେ ସଭାପତି ପାଇଁ ତେଜନ ସୋହେଲା ଓ ମନୀଷା ବିଶ୍ୱାଳ ଦୁଇ ଜଣ ପ୍ରାର୍ଥୀ ବାହାରିଥିଲେ । ଏହାସହ ଉପସଭାପତି ପାଇଁ ତିନି ଜଣ ପ୍ରାର୍ଥୀ ଚୁମକି ଉର୍ମା, ପବନ ସାହୁ ଓ ସୁଜାତା ସରାଫ ବାହାରିଥିଲେ । ୧୫୧ ଜଣ ଉପସ୍ଥିତ ଥିବା ଛାତ୍ର ଛାତ୍ରୀ ପେପର ରେ ଦସ୍ତଖତ ମାଧ୍ୟମରେ ସଭାପତି ଓ ଉପସଭାପତି ଙ୍କୁ ଚୟନ କରିଥିଲେ । ସଭାପତି ପଦବୀ ପାଇଁ ତେଜନ ୧୧୩ ଜଣ ଓ ମନୀଷା ଙ୍କୁ ୩୨ ଜଣ ଛାତ୍ର ଛାତ୍ରୀ ଙ୍କ ସମର୍ଥନ ମିଳିଥିଲା । ଏହାସହ ଉପସଭାପତି ପଦବୀରେ ଚୁମକି ଉର୍ମା ଙ୍କୁ ୯୧ ଜଣ, ପବନ ସାହୁଙ୍କୁ ୫୦ ଜଣ ଓ ସୁଜାତା ସରାଫଙ୍କୁ ୭ ଜଣ ଛାତ୍ର ଛାତ୍ରୀଙ୍କ ସମର୍ଥନ ମିଳିଥିଲା । ଫଳରେ ତେଜନ ସୋହେଲା ସଭାପତି ଓ ଚୁମକି ଉରର୍ମା ଉପସଭାପତି ଭାବେ ମନୋନୀତ ହୋଇଥିଲେ ।

# ବିଜୁ ଛାତ୍ର ଜନତା ଦଳର ମିଶ୍ରଣ ପର୍ବ, ବିଭିନ୍ନ କଲେଜର ନିର୍ବାଚିତ ଛାତ୍ର ପ୍ରତିନିଧି ବିଜେଡିରେ ସାମିଲ

ଝାରସୁଗୁଡ଼ା,୧୭/୧୦(ନି/ପ୍ର): ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସରବାହାଲ ସ୍ଥିତ ବିଜେଡି କାର୍ଯ୍ୟାଳୟଠାରେ ଗୁରୁବାର ଦିନ ଏକ ସ୍ୱତନ୍ତ୍ର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଡିଗ୍ରୀ କଲେଜର ନିର୍ବାଚିତ ଛାତ୍ର ସଂସଦର କର୍ମକର୍ତ୍ତାମାନେ ଝାରସୁଗୁଡା ପୂର୍ବତନ ବିଧାୟିକା ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦିକା ଦୀପାଳୀ ଦାସ ଙ୍କ ଉପସ୍ଥିତି ରେ ଆନୁଷ୍ଠାନିକ ଭାବେ ବିଜୁ ଛାତ୍ର ଜନତା ଦଳ ରେ ଯୋଗଦାନ କରିଛନ୍ତି। ଏହି ମିଶ୍ରଣ ପର୍ବରେ ଝାରସୁଗୁଡ଼ା ଅଂଚଳର ୪ଟି ପ୍ରମୁଖ କଲେଜର କର୍ମକର୍ତ୍ତା ସାମିଲ ହୋଇଛନ୍ତି ।ଝାରସୁଗୁଡା ସଦର ବ୍ଲକ ଏଚ କଂଟାପାଲି ପିକେଏସ୍‌ଏସ୍ ଡିଗ୍ରୀ କଲେଜ ର ସଭାପତି ସୌଭାଗ୍ୟ ରୋହିଦାସ, ଉପସଭାପତି ମନୀଷ ସାହୁ, ସାଧାରଣ ସମ୍ପାଦକ ଖୁସିଲ ରୋହିଦାସ ଓ ସଂସ୍କୃତିକ ସମ୍ପାଦକ ଶୀତଲ ଭୋଇ ।ସେହିପରି କୋଲାବିରା ପିଏସ ଡିଗ୍ରୀ କଲେଜ ର ଉପସଭାପତି ଚୁମକି ଉର୍ମା, ସାଧାରଣ ସମ୍ପାଦକ ହରେଶ କିସାନ, ସହ-ସମ୍ପାଦକ ହରିପ୍ରିୟା ପଧାନ ଓ ସଂସ୍କୃତିକ ସମ୍ପାଦକ ଦିନେଶ କୁମାର କିସାନ। କିର୍ମିରା ଶୋଭନ ମେମୋରିଆଲ ପଂଚାୟତ ଡିଗ୍ରୀ କଲେଜ ର ସଭାପତି ତୁଷାର ବାରିକ, ଉପସଭାପତି ଡଲି ପ୍ରଧାନ,ସାଧାରଣ ସମ୍ପାଦକ ଅରୁଣ ନେଗୀ, ସଂସ୍କୃତିକ ସମ୍ପାଦକ ଟ୍ୱିଙ୍କଲ ପାଣ୍ଡେ ଓ କ୍ରୀଡ଼ା ସମ୍ପାଦକ ଚଂଚଳା ପ୍ରଧାନ। ଲଇକେରା ପଂଚାୟତ ସମିତି ଡିଗ୍ରୀ କଲେଜ ର ସଭାପତି ଆୟେଶା ମେହେର, ଉପସଭାପତି ଦିଲେଶ୍ୱର କିସାନ, ସାଧାରଣ ସମ୍ପାଦକ ବାପି ନାୟକ, ସହ ସାଧାରଣ ସମ୍ପାଦକ କମଲ ସାମର୍ଥ, ସଂସ୍କୃତିକ ସମ୍ପାଦକ ଗୌରୀ ଦିହିରିଆ ଓ କ୍ରୀଡ଼ା ସମ୍ପାଦକ ରିଙ୍କି ଜୟପୁରିଆ। ଏହି ମିଶ୍ରଣ ପର୍ବ ଦ୍ୱାରା ଝାରସୁଗୁଡ଼ା ଜିଲ୍ଲାରେ ବିଜୁ ଛାତ୍ର ଜନତା ଦଳର ସଂଗଠନ ଆହୁରି ସୁଦୃଢ଼ ଓ ଶକ୍ତିଶାଳୀ ହେବ ବୋଲି ପୂର୍ବତନ ବିଧାୟିକା ଆଶାପ୍ରକାଶ କରିଛନ୍ତି ।ଆଜି ଧର୍ମ ର ଜୟ ହୋଇଛି । ଆଜି ଯୁବ ସମାଜ କୁଟନୈତିକ, ଅହଂକାରୀ ମାନଙ୍କ ବିରୋଧ ରେ ଉଚିତ ଜବାବ ଦେଇଛନ୍ତି ।ନବନିଯୁକ୍ତ ଛାତ୍ର ନେତାମାନେ ପୂର୍ବତନ ସଭାପତି ନବୀନ ପଟ୍ଟନାୟକଙ୍କ ଆଦର୍ଶ, ବିଶିଷ୍ଟ ସମାଜସେବୀ ତଥା ଯୁବନେତା ବିଶାଳ ଦାସ ଏବଂ ପୂର୍ବତନ ବିଧାୟିକା ଦୀପାଳୀ ଦାସ ପ୍ରେରଣା, ସେବା ମନୋଭାବ ଏବଂ ବିଜୁ ଜନତା ଦଳର ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡି ରେ ଯୋଗଦାନ କରିଥିବା ସହିତ ଆଗାମୀ ଦିନ ରେ ଛାତ୍ରସମାଜର ବିକାଶ ଓ କଲ୍ୟାଣ ପାଇଁ କାର୍ଯ୍ୟ କରିବାକୁ ସଂକଳ୍ପ ନେଇଛନ୍ତି। ଏହି ମିଶ୍ରଣ ଛାତ୍ର ନେତା ମାନେ ବିଜୟ ପର୍ବ ମନାଇବା ସହିତ ଖୁସି ମନାଇଥିଲେ ।ଏହି ମିଶ୍ରଣ ସମୟ ରେ ପୂର୍ବତନ ବିଧାୟୀକା ଦୀପାଳି ଦାସ,ଯୁବନେତା ବିଶାଳ ଦାସ ଙ୍କ ସହିତବିଜୁ ଜନତା ଦଳ ରାଜ୍ୟ ପରିଷଦ ସଭ୍ୟ ତାପସ ରାୟ ଚୌଧୁରୀ, ରଘୁମଣି ପଟେଲ,ଯୁବ ବିଜେଡି ସଭାପତି ରୁବିନ ପାଣ୍ଡେ, ବିଜୁ ଛାତ୍ର ବିଜେଡି ସଭାପତି ଶିବାଶିଷ ପଟ୍ଟନାୟକ, ନବନୀତ କୋର, ନାଗେଶ୍ୱରି ବୋନେଲା, କାହ୍ନା ପୋଢ଼ ଙ୍କ ସହିତ ବହୁ ବିଜେଡି ଯୁବ ଛାତ୍ର କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ଜୟପୁର ଟ୍ୱିଲ୍ସ ସୋ ରୁମରେ ଅଗ୍ନିକାଣ୍ଡ, ୫୦ ଲକ୍ଷ ଟଙ୍କାର କ୍ଷତି

ଜୟପୁର,୧୭/୧୦(ନି/ପ୍ର):କୋରାପୁଟ ଜିଲା ଜୟପୁର ସହର ମୁଖ୍ୟ ରାସ୍ତା ସୌରା ସାହି ଛକ ନିକଟରେ ଥିବା ଟ୍ୱିଲ୍ସ ସୋ ରୁମରେ ଅଗ୍ନିକାଣ୍ଡ ଘଟିଛି । ଏହି ଅଗ୍ନିକାଣ୍ଡରେ ପ୍ରାୟ ୫୦ ଲକ୍ଷ ଟଙ୍କାର ଡ୍ରେସ ପୋଡି ଯାଇଥିବା ଜଣାଯାଇଛି । ପ୍ରତ୍ୟେକ ଦିନ ପରି ଆଜି ମଧ୍ୟ ଟ୍ୱିଲ୍ସ ସୋ ରୁମରେ ଖୋଲାଯାଇଥିଲା । ସୋରୁମରେ ଗ୍ରାହାକ ଆସିଥିଲେ । ଗ୍ରାହକଙ୍କୁ ଦେଖାଇବା ସମୟରେ ଉପର ମହଲାରେ ହୁ ହୁ ହୋଇ ନିଆଁ ଜଳି ଥିଲା । ଯାହାକି ସୋରୁମ ଷ୍ଟୋରରେ ଥିବା ଅଗ୍ନି ନିରାପତା ଦ୍ୱାରା ଆୟତ କରିପାରି ନଥିଲେ । ଫଳରେ ଜୟପୁର ଅଗ୍ନିଶମ ବାହୀନି ପହଂଚିଥିଲେ । ୨ ଟ ଗାଡି ଘଟଣା ସ୍ଥଳରେ ପହଂଚି ନିଆଁ କୁ ଆୟତ କରିଥିଲେ । ଦୋକାନି ମାଲିକ କହିବା ଅନୁଯାଇ ଦଶହରାରେ ଭଲ ବ୍ୟବସାୟ ପାଇ ଚାହିଁ ରହିଥିଲେ । ଲକ୍ଷ ଲକ୍ଷ ଟଙ୍କାର ଡ୍ରେସ ଆଣି ଉପର ଗୋଦାମ ରେ ରଖିଥିଲେ । ଏମିତି କି ଅନ୍ୟ ଏକ ଷ୍ଟୋରର ଜିନିଷ ମଧ୍ୟ ରଖିଥିଲେ । ହଟାତ ନିଆ ଜାଳି ସବୁ ପାଉଁଶ ହୋଇ ଯାଇଥିଲା । ଏହି ଅଗ୍ନିକାଣ୍ଡରେ ଜଣେ କର୍ମଚାରି ଗୁରୁତର ହୋଇଛନ୍ତି ।




# ସେକ୍ଟର-୧୬ର ବିଶାଳ ପରୀ ମହଲରେ ମା' ଦୁର୍ଗାଙ୍କ ପ୍ରତିମୂର୍ତ୍ତି

## ରାଉରକେଲାର ୧୦୯ ପୂଜାମଣ୍ଡପରେ ଦେବୀଙ୍କ ଶାରଦୀୟ ପୂଜା ଆରମ୍ଭ




ସେକ୍ଟର-୧୬ (ପରିମହଲ)

ରାଉରକେଲା,୧୭/୧୦(ନି/ପ୍ର): ଇସ୍ପାତ ସହର ରାଉରକେଲାର ସେକ୍ଟର-୧୬ ସାର୍ବଜନୀନ ଦୁର୍ଗା ପୂଜା କମିଟି ଦ୍ୱାରା ବିଶାଳ ପରୀ ମହଲ ପୂଜାମଣ୍ଡପରେ ଶାରଦୀୟ ଦୁର୍ଗାପୂଜା ଆରମ୍ଭ ସହିତ ସହରର ୧୦୯ ମଣ୍ଡପରେ ଦେବୀଙ୍କ ପୂଜା ଆରମ୍ଭ ହୋଇଛି। ରାଉରକେଲା ସହରର ତରକେରା ଦୁର୍ଗାପୂଜା କମିଟି ଦ୍ୱାରା ସୁବର୍ଣ୍ଣ ଜୟନ୍ତୀ ବର୍ଷ ପାଳନ କରାଯାଉଥିବା ବେଳେ ଫର୍ଟିଲାଇଜର ସହରର ବିଭିନ୍ନ ଦୁର୍ଗାପୂଜା ମଣ୍ଡପରେ ପୂଜା ଅନୁଷ୍ଠିତ ହେଉଛି। ସେହିପରି ପାନପୋଷ, ରିଜର୍ଭ ପୋଲିସ୍ ଲାଇନ୍, ସିଭିଲ୍ ଟାଉନସିପ୍, ଏସଟିଆଇ, ଆଇଟିଆଇ, ଉଦିତନଗର, ଡେଲି ମାର୍କେଟ, ପ୍ଲାଂଟସାଇଟ୍, ମଧୁସୂଦନ ଚୌକ ସମେତ ବାସନ୍ତୀ କଲୋନୀ, କଳିଙ୍ଗବିହାର, ଛେଣ୍ଡ କଲୋନୀ, ସେକ୍ଟର-୧୩, ସେକ୍ଟର-୧୪, ସେକ୍ଟର-୧୫, ସେକ୍ଟର-୧୭, ସେକ୍ଟର-୧୮, ସେକ୍ଟର-୧୯, ଟେଲିଫୋନ୍ ଭବନ, ଇସ୍ପାତ ମାର୍କେଟ, ସେକ୍ଟର-୨୦, ସେକ୍ଟର-୨୧ ସହ ସେକ୍ଟର-୧, ସେକ୍ଟର-୨, ସେକ୍ଟର-୩, ସେକ୍ଟର-୪, ସେକ୍ଟର-୫, ସେକ୍ଟର-୬, ସେକ୍ଟର-୭ ସେକ୍ଟର-୮ ଏବଂ ସେକ୍ଟର-୯ରେ ଆଡମ୍ବର ସହିତ ଶାରଦୀୟ ଦୁର୍ଗାପୂଜା ଆରମ୍ଭ ହୋଇଯାଇଛି। ଏଥିସହିତ ବନ୍ଧମୁଣ୍ଡା ଏବଂ ଲାଠିକଟାରେ ଶାରଦୀୟ ଦୁର୍ଗାପୂଜା ଆରମ୍ଭ ହୋଇଛି। ବିଭିନ୍ନ ପୂଜା କମିଟି ପକ୍ଷରୁ ଆଜି ମା'ଙ୍କ ତପଷଷ୍ଠୀରେ ବିଲ୍ୱବରଣ ସହିତ ଆରମ୍ଭ ହୋଇଛି। କେତେକ ପୂଜା ମଣ୍ଡପରେ ମହାସପ୍ତମୀ ପୂଜା ଆଜି ରାତିରେ ଅନୁଷ୍ଠିତ ହେଉଛି।

# ନିର୍ମଳ ମୁଣ୍ଡା ମଣ୍ଡଳର ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ




ରାଉରକେଲା,୧୭/୧୦(ନି/ପ୍ର): ରଘୁନାଥପାଲ୍ଲୀ ବିଧାନସଭା କ୍ଷେତ୍ର ଅନ୍ତର୍ଗତ ନିର୍ମଳ ମୁଣ୍ଡା ମଣ୍ଡଳର ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ ସେକ୍ଟର -୨୦ ସ୍ଥିତ, ବୈକୁଣ୍ଠ ଘାଟ ନିକଟସ୍ଥ ଶ୍ରୀ ଶ୍ରୀ ଧଳେଶ୍ୱର୍ ମନ୍ଦିର ପରିସରରେ ମଣ୍ଡଳ ସଭାନେତ୍ରୀ ରଞ୍ଜିତା କିସପଟାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଅତିଥି ବୃନ୍ଦ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସାମୂହିକ ବନ୍ଦେ ମାତରଂ ଗାନ ପରେ ବୈଠକ ଆରମ୍ଭ ହୋଇଥିଲା । ମଣ୍ଡଳ ସଭାନେତ୍ରୀ ତାଙ୍କ ସ୍ୱାଗତ ଭାଷଣରେ ବୈଠକର ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିବା ସହିତ ସଂଗଠନକୁ ସକ୍ରିୟ ଓ ଶକ୍ତି ଶାଳୀ କରିବାକୁ ପରାମର୍ଶ ଦେଇଥିଲେ । ମଂଚାସୀନ ମୁଖ୍ୟ ଅତିଥି ତଥା ପୂର୍ବତନ ରାଜ୍ୟକାର୍ଯ୍ୟକାରିଣୀ ସଦସ୍ୟ ଜଗବନ୍ଧୁ ବେହେରା, ଜିଲ୍ଲା ମୁଖପାତ୍ର ତଥା ମୁଖ୍ୟବକ୍ତା ଗଙ୍ଗାଧର ଦାଶ , ଜିଲ୍ଲା ଉପସଭାପତି ସତ୍ୟ ପ୍ରିୟ ସାହୁ, ଜିଲ୍ଲା ସମ୍ପାଦକ ଶ୍ରୀ ଅକ୍ଷୟ ଦାସ, ଜିଲ୍ଲା ସମ୍ପାଦିକା ନମ୍ରତା ବାଗ, ମଣ୍ଡଳ ପ୍ରଭାରୀ ଅଙ୍କିତ ବର୍ମା, ମଚାଂସିନ ନେତୃ ବୃନ୍ଦ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ ହିତକାରୀ ଯୋଜନାକୁ ଜନତାଙ୍କ ପାଖରେ ପହଚାଂଇବା ସହିତ ସଂଗଠନକୁ ସୁଦୃଢ଼ ଓ ସକ୍ରିୟ କରିବା ପାଇଁ କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। ମଚଂ ପରିଚାଳନା ସନ୍ତୋଷ କୁମାର ତନ୍ତି କରିଥିବା ବେଳେ ମଣ୍ଡଳ ଉପସଭାପତି ବାଳକୃଷ୍ଣ ପାଣିଗ୍ରାହୀ, ଉପସ୍ଥିତ ଥିଲେ, ସଂଗ୍ରାମ ପ୍ରଧାନ, ସିଲା ପାତ୍ର, ମଣ୍ଡଳ ସାଧାରଣ ସମ୍ପାଦକ ଜଉରା ତିଗା, ମଣ୍ଡଳ ମହିଳା ମୋର୍ଚ୍ଚା ସଭାନେତ୍ରୀ ଚିନ୍ମୟୀ ବିଶ୍ୱାଳ, ସୁନିତା ମହାନ୍ତି, ଅନିତା ଦାସ, ମଞ୍ଜିତା ଟପ୍ପୋ ବୁଥ ସଭାପତି ଅରୁଣ ଜୟ ପୁରିଆ, ଦୁର୍ଯୋଧନ ପାତ୍ର, ଶକ୍ତି କେନ୍ଦ୍ର ପ୍ରମୁଖ, ସନ୍ତୋଷ କୁମ୍ଭାର, ବିମଳ ମିଞ୍ଜ ଯୁବମୋର୍ଚ୍ଚା ମଣ୍ଡଳ ସଭାପତି ବେଦ ଅଗ୍ରୱାଲ, ଜ୍ଞାନ ରଞ୍ଜନ ସାହୁ ଓ ବହୁ କର୍ମୀ ଉପସ୍ଥିତ ଥିଲେ ।

# ପୂର୍ବତନ ମୁଖ୍ୟମନ୍ତ୍ରୀ,ରାଜ୍ୟ ବିଜେଡିର ସଭାପତି ନବୀନ ବାବୁଙ୍କ ୮୦ ତମ ଜନ୍ମଦିନ ପାଳିତ

ରାଉରକେଲା,୧୭/୧୦(ନି/ପ୍ର): ତା ୧୬/୧୦/୨୬ରିଖରେ, ଓଡିଶାର ସାଢେ ଚାରିକୋଟି ଓଡିଆଙ୍କ ହୃଦୟରମଣିଷ,ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ,ରାଜ୍ୟ ବିଜେଡ଼ି ସଭାପତି,ବିରୋଧୀ ଦଳ ନେତା ନବୀନ ବାବୁଙ୍କର ଆଜି ଅସି ତମ ଜନ୍ମଦିବଶ ରାଉରକେଲା ବିଜୁ ଜନତା ଦଳ ତରଫରୁ ମାନ୍ୟବର ବିଧାୟକ ସାରଦା ପ୍ରସାଦ ନାୟକ ନେତୃତ୍ୱରେ ପାଳିତ ହୋଇଛି । ଦଳର ଛାତ୍ର,ଯୁବ,ମହିଳା ନେତା ଓ ନେତ୍ରୀ,ସଞ୍ଜିତ ଛୋଟରାୟ,ବାବୁଖାନ, ହିମାଂଶୁ ପଣ୍ଡା,ସୁବାଶ ସ୍ୱାଇଁ,ସୁଶାନ୍ତ ଦାସ,ଦୁଷ୍ମନ୍ତ ରାଉତରାୟ,ପିଙ୍କୁ ଜୟସ୍ୱଳ,ବୁବୁଲି ରାଉତ,କାବୁଲି ପ୍ରତିହାରୀ,ସୁଧାଂଶୁ ସାମଲ, ଛବି ମହାନ୍ତି,ଯୋଷ୍ଣା ନାୟକଙ୍କ ସହଯୋଗରେ,ସକାଳ ୧୦ ଘଟିକରେସରକାରୀ ଡାକ୍ତର ଖାନାରେସ୍ୱଚ୍ଛକୃତ ରକ୍ତଦାନ ଶିବିର କରାଯାଇ ୫୧ ଇଉନିଟ ରକ୍ତ ସଂଗ୍ରହ କରଯାଇଥିଲା,ଏବଂ ସେଠାରେରୋଗୀମାନଙ୍କୁ ଫଳ ବଟାଂଯାଇଥିଲା,ଏହାସହିତ ଉପସ୍ଥିତ ଥିବା ସବୁ ଜନସାଧାରଣଙ୍କ ପାଇଂ ପଣା ବ[]ଯାଇଥିଲା । ରାଉରକେଲାରେ ରହିଥିବା ମୋହବିଦ୍ୟାଳୟ ଗୁଡିକରେ ହୋଇଥିବା ନିର୍ବାଚନ ରେ ବିଜୁ ଛତ୍ର ଜନତା ଦଳ ବିପୁଳ ବିଜୟ ହାସଲ କରିଥିବାରୁ ନବନିର୍ବାଚିତ ନେତା ଓ ନେତ୍ରି ଗଣ,ଛାତ୍ର ଛାତ୍ରୀ ମାନେ,ପୂର୍ବତନ ଛାତ୍ରନେତା,ଶିଶିର ସାହୁ,ଡି ଅଭିକ କୁମାର,ବିଭୁତି ପୁହାଣ,ରଣପ୍ରତାପ ସିଂହ, ଶିଟୁ ସାମଲ, ସୁଶାନ୍ତ ପରିଡା,ବିକନ ବଳ,ପୂର୍ଣ ମହାନ୍ତି,ନିର୍ଭୟ ମହାନ୍ତି, ଚିଟୁଂ ବାରିକ,ଦିଲୀପ ଲହରୀ,ପ୍ରିୟ ସାହୁ,ବିଶ୍ୱରଞ୍ଜନ ଦାସ,ଅରିଏନ ଙ୍କ ନେତୃତ୍ୱରେ ଆସି,ଛେଣ୍ଡ କଲୋନୀ,କଳିଙ୍ଗ ବିହାର ସ୍ଥିତ ବିଜୁବାବୁଙ୍କ ପ୍ରତିମୁର୍ତୀରେ ମାଲ୍ୟାର୍ପଣ କରି,ନିଜ ନିଜ କଲେଜର



ଉନ୍ନତି କରିବା ସଙ୍ଗେସଙ୍ଗେ, ସବୁ ଛାତ୍ର,ଛାତ୍ରୀ ମାନଙ୍କ ସମସ୍ୟା ସମାଧାନ କରିବାପାଇଂ ଶପଥପାଠ କରିଥିଲେ । ଓଡିଶା ତଥା ଦେଶର ବିଶିଷ୍ଟ ଶିଳ୍ପପତି ଇଂ ଶ୍ରୀଯୁକ୍ତ ଦୀପ୍ତି ରଞ୍ଜନ ପଟ୍ଟନାୟକ ଙ୍କ ଦ୍ୱାରା ନବନିର୍ବାଚିତ ଛାତ୍ର ନେତା ଓ ନେତ୍ରୀ ମାନଙ୍କୁ ଉପଢୌକଣ ଦେଇ ସମ୍ମାନିତ କରିବା ସହିତ ଆଶୀର୍ବାଦ ଦେଇଥିଲେ ।

# ସାତପଡ଼ା ପଚାଂୟତରେ ଡାହାଣୀପ୍ରଥାର ବିଲୋପ ସଚେତନତା

ପୁରୀ,୧୭/୧୦(ନି/ପ୍ର): ସମାଜରେ ଡାହାଣୀ ପ୍ରଥା ଘୃଣ୍ୟ ତଥା ଅପରାଧ। ଏହାର ବିଲୋପ ଘଟିଲେ ଏକ ସୁସ୍ଥ, ସମୃଦ୍ଧ ଓ ଶୃଙ୍ଖଳିତ ସମାଜ ଗଠନରେ ସହାୟକ ହେବ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା। ଆଜି ପୂର୍ବାହ୍ନରେ କୃଷ୍ଣ ପ୍ରସାଦ ବ୍ଲକ ଅନ୍ତର୍ଗତ ସାତପଡ଼ା ପଂଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ପ୍ରଶାସନ, ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଡାହାଣୀ ପ୍ରଥା ବିରୁଦ୍ଧରେ ଜନସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ପୁରୁଣା ସମୟରେ ଶିକ୍ଷାର ଅଭାବ, କୁସଂସ୍କାର, ଚିକିତ୍ସାର ଅଭାବ, ଅନ୍ଧବିଶ୍ୱାସ ଓ ସନ୍ଦେହ କାରଣରୁ ଡାହାଣୀ ପ୍ରଥା ବ୍ୟାପକ ପରିବ୍ୟାପ୍ତ ହେଉଥିଲା। ଆଜିର ସମୟରେ ସାର୍ବଜନୀନ ଶିକ୍ଷା ବ୍ୟବସ୍ଥା, ସଚେତନତା ଓ ସଂସ୍କାରିତ ପଦକ୍ଷେପ ଯୋଗୁଁ ଏହା ହ୍ରାସ ପାଇଛି ସତ କିନ୍ତୁ ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ।

# ଆଇନ ମହାବିଦ୍ୟାଳୟର ବିଶ୍ୱ ଖାଦ୍ୟ ଦିବସ ପାଳନ




ରାଉରକେଲା,୧୭/୧୦(ନି/ପ୍ର): 'ବିଶ୍ୱ ଖାଦ୍ୟ ଦିବସ ' ପ୍ରଥମ ଥର ୧୯୮୧ମସିହା ଅକ୍ଟୋବର ୧୬ତାରିଖ ରେ ପାଳିତ ହୋଇଥିଲା କ୍ଷ ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଭୋକ ଓ ଅପପୃଷ୍ଟି ସମ୍ବନ୍ଧରେ ଲୋକମାନଙ୍କ ମଧ୍ୟରେ କିପରି ସଚେତନତା ବୃଦ୍ଧି କରିବା । ଏହି କାର୍ଯ୍ୟକ୍ରମର ଚଳିତ ବର୍ଷର ବିଷୟବସ୍ତୁ 'ସୁସ୍ଥ ସମାଜ ସୁଖୀ ସମାଜ' । ଏହି ଦିବସ ଉପଲକ୍ଷେ ରାଉରକେଲା ଆଇନ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷା ଡକ୍ଟର ସମ୍ପାଦିକା ମହାନ୍ତିଙ୍କ ଅଧକ୍ଷତକ୍ଷରେ ଓ ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ,ରାଉରକେଲାର ମୁଖ୍ୟ ସରକାରୀ ଚିକିତ୍ସାଳୟ ର ରୋଗୀମାନଙ୍କୁ ପାଚଂଶହ ପ୍ୟାକେଟ ଫଳ ଓ 'ହ୍ୟୁମାନୀଟି ଫାଉଣ୍ଡେସନ ସେଟଂର', ଜଗଦା ଠାରେ ଥିବା ଅନାଥ ଆଶ୍ରମ ଓ ଟିମ୍ବର କଲୋନୀ ଠାରେ ଥିବା 'ଶାନ୍ତି ଭବନ'ରେ ମହାବିଦ୍ୟାଳୟ ତରଫରୁ ଏକ ଫଳବିତରଣ କାର୍ଯ୍ୟକ୍ରମ ହୋଇଥିଲ। ପ୍ରାୟ ପାଚଂଶହ ରୋଗୀମାନଙ୍କୁ ଫଳ ବିତରଣ କରାଯାଇଥିଲା। ଏଥିରେ ମହାବିଦ୍ୟାଳୟର ଅଧକ୍ଷା, ପରିଚାଳନା କମିଟି ସଦସ୍ୟା ଛବି ଚକ୍ରବର୍ତ୍ତୀ, ଇଞ୍ଜିନିୟର ହରଦୀପ ସିଂ, ବରିଷ୍ଠ ଆଇନଜୀବୀ ଗିରିଶଚନ୍ଦ୍ର ମହାପାତ୍ର, ପୁରାତନ ପରିଚାଳନା କମିଟିର ସଦସ୍ୟା ଛବି ମହାନ୍ତି, ପ୍ରଶାନ୍ତ ସେଠି, ପୁରାତନ ଛାତ୍ର ସୁନୀଲ କାଏଲ, ଲାଇବ୍ରେରୀଆନ ଲକ୍ଷ୍ମୀପ୍ରିୟା ସାହୁ, ହୃଦୟ ରଞ୍ଜନ ମହାନ୍ତି ଓ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ରାହୁଲ, ଧରିତ୍ରୀ,ମହେଶ୍ୱିନୀ,ସାଧନା ରାଣୀ, ହେମନ୍ତ, ସିମରନ, ପ୍ରିୟଙ୍କା, ମଧୁସ୍ମିତା, ଅଜିତ ପ୍ରମୁଖ ଯୋଗଦେଇ ରୋଗୀମାନଙ୍କୁ ଫଳ ବିତରଣ କରିଥିଲେ ।

# ଦ୍ୱାଦଶ ତମ ନନ୍ହେକାଲାମ କି ଖୋଜ୍

# ଭାରତରତ୍ନ ଡ ଏପିଜେ ଅବଦୁଲ କାଲାମଙ୍କ ୯୬ ତମ ଜୟନ୍ତୀ ପାଳନ



ରାଉରକେଲା,୧୭/୧୦(ନି/ପ୍ର): ସାମାଜିକ ଅନୁଷ୍ଠାନ ହାପି ମୋମେଟଂସ ଇଣ୍ଡିଆ ତରଫରୁ ଦ୍ୱାଦଶତମ ନନ୍ହେକାଲାମ କି ଖୋଜ୍ ଓ ଭାରତରତ୍ନ ଡ ଏପିଜେ ଅବଦୁଲ କାଲାମଙ୍କ ୯୬ତମ ଜୟନ୍ତୀ ଏନ୍ଆଇଟି ସ୍ଥିତ ଇନ୍‌ଷ୍ଟିଚ୍ୟୁସନ ଅଫ୍ ଇଞ୍ଜିନିୟର୍ସ ରାଉରକେଲାର ଲୋକାଲ ସେଟଂର୍ ଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷ ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ଆବାହକତ୍ୱ ଓ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ମଚଂ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଏନ୍ଆଇଟିର ପ୍ରଫେସର ଡ ଅଜିତ କୁମାର ବେହେରା, ପ୍ରଫେସର ସିଦ୍ଧାର୍ଥ ଜେନା, ଜର୍ଣ୍ଣାଲିଷ୍ଟସ ଆସୋସିଏସନର ଉପସଭାପତି ତଥା ଉପଦେଷ୍ଟା କୁଞ୍ଜବିହାରୀ ରାଉତ, କଂଗ୍ରେସ ଡିସିସି ର ପ୍ରାକ୍ତନ ସଭାପତି ରବି ରାୟ, ସମାଜସେବୀ ରିଶି ଆର୍ଯ୍ୟ, ଅନାଦି ଚରଣ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମିଶାଇଲ ପୁରୁଷ ଭାରତରତ୍ନ ଡ ଏପିଜେ ଅବଦୁଲ କାଲାମଙ୍କ ୯୬ତମ ଜୟନ୍ତୀ ପାଳନର ଉଦ୍ଦେଶ୍ୟ ଓ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସମସ୍ତ ଅତିଥି ଡ କାଲାମଙ୍କ ବକ୍ତବ୍ୟ ଓ ତାଙ୍କର ମାର୍ଗଦର୍ଶନ, ସେ କିପରି ଅଜାତଶତ୍ରୁ ତଥା ଭାରତ ବିକାଶ ପୁରୁଷ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସେହିପରି ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ର ଛାତ୍ରୀ ସେମାନଙ୍କର ଲକ୍ଷ୍ୟ ଓ ବିଜ୍ଞାନ ପ୍ରତି ପ୍ରତିବଦ୍ଧତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସେହିପରି ଚଳିତ ବର୍ଷ ଶିକ୍ଷାବିତ ଅଞ୍ଜଳି ହୋତା,ସୁଲତା ପତି, ବିରେନ୍ ପତି, ପ୍ରଜ୍ଞା ପରମିତା ଦାସ, ସିଦ୍ଧାର୍ଥ ଜେନା,ଆକାଂଶା ସିଂହ ରାଜପୁତ, ପ୍ରକାଶ ଚନ୍ଦ୍ର ନାୟକ,ରିଶି ଆର୍ଯ୍ୟ, ସୁଚିତ୍ରା ଦର୍ଜୀ, କାମିନୀ ନାୟକ, ରିତାଞ୍ଜଳୀ ଦାସ,ରବି ରାୟ, ଅନାଦି ଚରଣ ସାହୁ, ଡ଼ଃ ଜ୍ଞାନେନ୍ଦ୍ର ମେହେର, ଆର୍ଯ୍ୟ ପଟ୍ଟନାୟକ,କମଳ ଅଗ୍ରୱାଲ ପ୍ରମୁଖଙ୍କୁ ଡ ଏପିଜେ ଅବଦୁଲ କଲାମ ପ୍ରଫେସନାଲ ଆଚ୍ଚିଭର ଆୱାର୍ଡ୍ ୨୦୨୬ ରେ ସମ୍ବର୍ଦ୍ଧିତ କରାଯାଇଥିଲା।

# ଜ୍ଞାନେଶ କୁମାରଙ୍କୁ ବରଖାସ୍ତ ଦାବିରେ ଶୋଭାଯାତ୍ରା ଓ ବିକ୍ଷୋଭ




ରାଉରକେଲା,୧୭/୧୦(ନି/ପ୍ର): ଭାରତର ଗଣତନ୍ତ୍ର,ଜନଗଣଙ୍କ ସାମ୍ବିଧାନିକ ଅଧିକାର ର ସୁରକ୍ଷା ପାଇଁ ଦେଶର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଙ୍କୁ କେନ୍ଦ୍ର ସରକାର ତୁରନ୍ତ ବହିଷ୍କାର କରିବା ଦାବି କରି ଆଜି ଗଣତନ୍ତ୍ର ବଂଚାଅ - ସମ୍ବିଧାନ ବଚାଂଅ ଫୋରମ୍ ପକ୍ଷରୁ ରାଉରକେଲା ଉଦିତ ନଗର ସ୍ଥିତ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଠାରୁ ଏକ ପ୍ରତିବାଦ ଶୋଭାଯାତ୍ରା ବାହାରି ରାଉରକେଲା ମହାନଗର ନିଗମ ସମ୍ମୁଖ ସୁବାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ନିକଟରେ ସଭା ଅନୁଷ୍ଠିତ ହୋଇଥିଲା। ଗଣତନ୍ତ୍ର ବଂଚାଅ - ସମ୍ବିଧାନ ବଚାଂଅ ଫୋରମ୍ ଆହ୍ୱାନ ରେ ଅନୁଷ୍ଠିତ ଆଜିର କାର୍ଯ୍ୟକ୍ରମ ରେ ସହର ର ବହୁ ଆଇନଜୀବୀ, ବୁଦ୍ଧିଜୀବୀ, ସାମାଜିକ କର୍ମୀ, ବିଭିନ୍ନ ଗଣ ସଂଗଠନର ନେତୃବୃନ୍ଦ, ସାହିତ୍ୟିକ ସାମିଲ ହୋଇଥିଲେ। ବରିଷ୍ଠ ଆଇନଜୀବୀ ଗିରିଶ ମହାପାତ୍ର, ସଦାନନ୍ଦ ସାହୁ,ରାଜ କିଶୋର ପ୍ରଧାନ,ସାବିର ହୁସେନ, ବିମାନ ମାଇତି, ପ୍ରଦୋଷ ମହାନ୍ତି,ଛବିମହାନ୍ତି, ବସନ୍ତ ପାତ୍ର, ପୁରୁଷୋତମ କୁମ୍ଭାର,ଶ୍ରୀମନ୍ତ ବେହେରା, ବସନ୍ତ ନାୟକ,ସୁରେନ୍ଦ୍ର ଦାଶ,ବି ପି ମହାପାତ୍ର,ଖଦାଳ ସେଠୀ, ବିନୋଦ ରାଉତ, ପ୍ରଦ୍ୟୁମ୍ନ ଷଡ଼ଙ୍ଗୀ, ବିଷ୍ଣୁ ପଣ୍ଡା, ବିରେନ୍ ନାୟକ, ଅନୁପମ ଦନ୍ନ, ସନ୍ତୋଷ ବିଶ୍ୱାଳ,ହୃଦୟାନନ୍ଦ ଯାଦବ, ଚନ୍ଦ୍ରଭାନୁ ଦାସ,ସୁମିତା ନନ୍ଦ, ଲକ୍ଷ୍ମୀ ମାଝୀ,ରାଜା ମୁନ୍ନା, ଫୁଲଜେମସ ଏକ୍କା, ବିଦ୍ୟୁତପ୍ରଭା ମହାନ୍ତ, ପ୍ରିୟଦର୍ଶିନୀ ବାରିକ୍, ସୁରେନ୍ଦ୍ର ମହାନ୍ତି,ବିଶ୍ୱଜିତ ମାଝୀ, ଲକ୍ଷ୍ମୀଧର ନାୟକ, ଶକୁନ୍ତଳା ମହାକୁଡ଼,ଅରୁ ଦାସ,ବିନୟ ବେହୁରିଆ, ଅଶୋକ ଦାସ, ଅରୁଣ ମହାରଣା, ନିହାର ରଞ୍ଜନ ସିଂହ,ଧନ୍ତିଆ ତାଣ୍ଡିଆ,ମେରୀ ମ୍ୟାକ୍ସିମା ଏକ୍କା,ନରେଶ ମହାପାତ୍ର, ପ୍ରଦ୍ୟୁଷ ରଞ୍ଜନ ବେହେରା,ଯମୁନା କିଶାନ, ବିନ୍ଦୁଲତା ସମାସୀ, ରାୟଶ୍ୱର ପାତ୍ର, ସଂଜୟ ବେହୁରା, ଶୁଭମ୍ ଓରାମ, ପୁନମ୍ ଓରାମ,ରବି ଦୀପ ସମେତ ବହୁ ଜନସାଧାରଣ ସାମିଲ ହୋଇଥିଲା ବେଳେ କେନ୍ଦ୍ରସରକାରଙ୍କ ନିର୍ଦ୍ଦେଶ ରେ ମୁଖ୍ୟ ନିର୍ବାଚନ କମିଶନର କାର୍ଯ୍ୟ କରୁଥିବାର ଅଭିଯୋଗ କରିବା ସହିତ ଦେଶରେ ଏସ ଆଇ ଆର୍ କରି ବିରୋଧୀ ଭୋଟ ପ୍ରାୟ ୧୩ କୋଟି ଯୋଗ୍ୟ ଭୋଟରଙ୍କୁ ଭୋଟର ତାଲିକାରୁ କାଟିବାର କାମ କରିଛନ୍ତି। ମୁଖ୍ୟ ନିର୍ବାଚନ କମିଶନର ଭଳି ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବିଧାନିକ ପଦବୀର ରହି ନିଜର ପଦର ଅପବ୍ୟବହାର କରି ବିଭିନ୍ନ ରାଜ୍ୟରେ ବିରୋଧୀ ରାଜନୈତିକ ଦଳ ଯେଉଁ ମାନେ ରାଜ୍ୟ ଶାସନ ରେ ଥିଲେ ତାଙ୍କୁ ଅତି ଚତୁରତାର ସହିତ ତାଙ୍କୁ ଶାସନ ରୁ ହଟାଇବାର କାମ କେନ୍ଦ୍ର ସରକାର ଙ୍କ ନିର୍ଦ୍ଦେଶରେ କରିଛନ୍ତି ବୋଲି ଅଭିଯୋଗ କରି, ଏହା ବିରୁଦ୍ଧରେ ଦେଶର ଯୁବ, ଛାତ୍ର, ଆଇନଜୀବୀ ଓ ବିଭିନ୍ନ ବର୍ଗର ଲୋକେ ଦିଲ୍ଲୀ ରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରୁଥିବା ବେଳେ ପୋଲିସ ଲଗାଇ ବର୍ବରତା ସହିତ ସେମାନଙ୍କୁ ଆକ୍ରମଣ କରି ଲହୁଲୁହାଣ କରାଯିବା ସହିତ ଜେଲ୍ ରେ ପୁରା ଯାଉଛି। ଏପରି ଫାସୀବାଦୀ ବ୍ୟବହାର କୁ ଆଜିର କାର୍ଯ୍ୟକ୍ରମ ରେ ଘୋର ନିନ୍ଦା କରାଯିବା ସହିତ ଦେଶର ଗଣତନ୍ତ୍ର ଓ ସମ୍ବିଧାନ ର ସୁରକ୍ଷା ପାଇଁ ସି ଇ ସି ଜ୍ଞାନେଶ କୁମାର ଙ୍କ ଇସ୍ତଫା ଦାବି କରାଯାଇଛି।

# ଆରଏସପିର ପି.ବି.ଏସରେ ନିର୍ଦ୍ଦିଷ୍ଟ ଷ୍ଟିମ୍ ବ୍ୟବହାର ହ୍ରାସ କରିବା ଦିଗରେ ଉର୍ଜା କ୍ୱାଲିଟି ସର୍କଲ୍‌ର ଉଲ୍ଲେଖନୀୟ ସଫଳତା



ରାଉରକେଲା,୧୭/୧୦(ନି/ପ୍ର): ରାଉରକେଲା ଇସ୍ପାତ କାରଖାନା (ଆର ଏସ ପି )ର ସି ପି ପି -୧ (ପାୱାର ଆଣ୍ଡ ବ୍ଲୋଇଂ ଷ୍ଟେସନ୍) ଅଧୀନସ୍ଥ ଇନ୍‌ଷ୍ଟ୍ରୁମେଟେଂସନ୍ ଆଣ୍ଡ ଅଟୋମେସନ୍ ବିଭାଗର ଉର୍ଜା କ୍ୱାଲିଟି ସର୍କଲ୍, ଷ୍ଟିମ୍ ଟର୍ବାଇନ୍ ଜେନେରେଟର-୧ ଓ ୨ ରେ ନିର୍ଦ୍ଦିଷ୍ଟ ଷ୍ଟିମ୍ ବ୍ୟବହାର ର ଅନୁକୂଳନ ନିମନ୍ତେ ଏକ ପ୍ରକଳ୍ପ ସଫଳତାର ସହ କାର୍ଯ୍ୟକାରୀ କରିଛି । ଅତ୍ୟଧିକ ନିର୍ଦ୍ଦିଷ୍ଟ ଷ୍ଟିମ୍ ବ୍ୟବହାର କୁ ନିୟନ୍ତ୍ରଣ କରିବା, ଟର୍ବାଇନ୍‌ର କାର୍ଯ୍ୟଦକ୍ଷତା ବୃଦ୍ଧି କରିବା ଏବଂ ବିଦ୍ୟୁତ୍ ଉତ୍ପାଦନ ଖର୍ଚ୍ଚ ହ୍ରାସ କରିବା ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କ୍ୱାଲିଟି ସର୍କଲ୍ ପଦ୍ଧତି ଅନୁସରଣ କରି ଉର୍ଜା କ୍ୱାଲିଟି ସର୍କଲ୍ ଦଳ ନିମ୍ନ କଣ୍ଡେନ୍ସର୍ ଭାକ୍ୟୁମ୍, ଇଜେକ୍ଟର୍ ବ୍ୟବସ୍ଥାର କାର୍ଯ୍ୟଦକ୍ଷତା ହ୍ରାସ, ଗ୍ଲାଣ୍ଡ ଷ୍ଟିମ୍ ସିଲିଂର ଅବକ୍ଷୟ ଏବଂ ଷ୍ଟିମ୍ ଲିକେଜ୍ ଭଳି ପ୍ରମୁଖ କାରଣଗୁଡ଼ିକୁ ଚିହ୍ନଟ କରିଥିଲା। ବ୍ୟବସ୍ଥିତ ମୂଳ-କାରଣ ବିଶ୍ଳେଷଣ ଆଧାରରେ ସଂଶୋଧନମୂଳକ ପଦକ୍ଷେପ ପ୍ରସ୍ତୁତ କରାଯାଇ କାର୍ଯ୍ୟକାରୀ କରାଯାଇଥିଲା। ଏହି ପଦକ୍ଷେପ ଫଳରେ ୧୬ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ସମୟରେ ଷ୍ଟିମ୍ ପ୍ରବାହ ୭୩.୬ ଟନ ପ୍ରତି ଘଟାଂରୁ ହ୍ରାସ ପାଇ ୭୧.୩୬ ଟନ ପ୍ରତି ଘଟାଂ ହୋଇ ପାରିଛି, ଯାହାଦ୍ୱାରା ଷ୍ଟିମ୍ ସଚଂୟ ୨.୨୪ ଟନ ହୋଇ ପାରିଛି । ଏହି ଉନ୍ନତି ସାଧନ ପରେ ନିର୍ଦ୍ଦିଷ୍ଟ ଷ୍ଟିମ୍ ବ୍ୟବହାର କୁ ୪.୪୬ କିଲୋ ପ୍ରତି କିଲୋ ୱାଟ ଆୱାର ରେକର୍ଡ କରାଯାଇଛି, ଯେତେବେଳେ ଲକ୍ଷ୍ୟ ୪.୪୦ କିଲୋ ପ୍ରତି କିଲୋ ୱାଟ ଆୱାର ରହିଥିଲା। ଏହି ପ୍ରକଳ୍ପ ଦଳଗତ କାର୍ଯ୍ୟ, ସୁସଂଗଠିତ ସମସ୍ୟା ସମାଧାନ ପଦ୍ଧତି ଏବଂ ନିରନ୍ତର ନିରୀକ୍ଷଣ ମାଧ୍ୟମରେ ଶକ୍ତି ସଂରକ୍ଷଣ, ଖର୍ଚ୍ଚ ହ୍ରାସ ଓ ପରିଚାଳନାଗତ ଦକ୍ଷତା ବୃଦ୍ଧିର ଉଦାହରଣ ପ୍ରଦାନ କରିଛି । ଉର୍ଜା କ୍ୱାଲିଟି ସର୍କଲ୍ ଦଳରେ ଶ୍ରୀ କ୍ରୀଷ୍ଣା ନାଏକ ଓ ଶ୍ରୀ ଏ. କେ. ବେହେରା, ଉଭୟ ଇଞ୍ଜିନିୟରିଂ ଆସୋସିଏଟ୍, ଏବଂ ଶ୍ରୀ ବି. ସାହୁ ଓ ଶ୍ରୀ ଆର ସାହୁ, ଉଭୟ ଜୁନିୟର ଇଞ୍ଜିନିୟରିଂ ଆସୋସିଏଟ୍ ସଦସ୍ୟ ଭାବେ ରହିଥିଲେ ଯେତେ ବେଳେ କି ଦଳର ଫାସିଲିଟେଟର୍ ଥିଲେ ପି ବି ଏସ ର ସିନିୟର ମ୍ୟାନେଜର୍ ଶ୍ରୀ ସନ୍ତୋଷ କୁମାର।